## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଏସ୍‌ଏଲ୍‌ଆର୍ ଫାଉଣ୍ଡେଶନ୍ ପକ୍ଷରୁ ବିଶ୍ୱ ହୃଦୟ ଦିବସ, ମଧୁସୂଦନ ଦାଶ ପାର୍କ, ପୋଖରୀପୁଟ୍, ସକାଳ ୬ଟା ୩୦।
- ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ୟୁନିଟ୍-୪, ପୂର୍ବାହ୍ନ ୧୦ଟା।
- ଜାତୀୟସ୍ତରୀୟ ସେମିନାର, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ବିଦ୍ୟା ବିହାର, ପୂର୍ବାହ୍ନ ୧୦ଟା ୩୦।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨ ଅବସରରେ ୟଙ୍ଗ୍ ସିଙ୍ଗିଂ ଟ୍ୟାଲେଣ୍ଟ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମ, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟସ୍ତରୀୟ ପ୍ରଦର୍ଶନୀ, ସଚିବାଳୟ, ଗାନ୍ଧୀ ମାର୍ଗ ମଧାହ୍ନ ୧୨ଟା।
- ଭାଜପାର ଶକ୍ତିକେନ୍ଦ୍ର କାର୍ଯ୍ୟକର୍ତ୍ତା ସମାବେଶ, ଜନତା ମଇଦାନ, ମଧାହ୍ନ ୧୨ଟା ୧୫।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୮୩ତମ ଆଲୋଚନା ଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର, ସନ୍ଧ୍ୟା ୬ଟା।
- ଜାତୀୟ ନାଟକ ଉତ୍ସବ-୨୦୨୨, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

# ସୁରକ୍ଷାକର୍ମୀ ବହିଷ୍କୃତ, ୪ ସେବିକାଙ୍କୁ ନୋଟିସ

### ଏସ୍‌ସିବି ମେଡିକାଲ ଶିଶୁକନ୍ୟା ଚୋରି ମାମଲା

କଟକ ଅଫିସ,୨୮।୯

ଏସ୍‌ସିବି ମେଡିକାଲରୁ ଶିଶୁକନ୍ୟା ଚୋରି ମାମଲାରେ ଜଣେ ସୁରକ୍ଷା କର୍ମୀଙ୍କୁ ବୁଧବାର ବହିଷ୍କାର କରାଯାଇଛି। ଏଥିସହ ୪ଜଣ ସେବିକାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ମେଡିକାଲ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଏସ୍‌ସିବିର ସ୍ତ୍ରୀ ଓ ପ୍ରସୂତି ବିଭାଗ ଏସ୍‌ଏନ୍‌ସିୟୁ ୱାର୍ଡରୁ ସୋମବାର ଶିଶୁକନ୍ୟା ଚୋରି ଘଟଣାରେ ମଙ୍ଗଳାବାଗ ଥାନା ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା। ଶିଶୁକନ୍ୟା ଚୋରି କରିବାକୁ ଗିରଫ ଦମ୍ପତି ଯୋଜନାବଦ୍ଧ ଭାବେ ମିଥ୍ୟା ପ୍ରମାଣପତ୍ର ଓ କାଗଜପତ୍ର ପ୍ରସ୍ତୁତ କରିଥିଲେ। ସେମାନେ ନିଃସନ୍ତାନ ଥିବାରୁ ପିଲା ଚୋରି ଭଳି ବେଆଇନ କାର୍ଯ୍ୟ କରିଥିଲେ। ଏଥିସହ ଶିଶୁକନ୍ୟା ଚୋରି ପ୍ରଘଟ ହୋଇଯିବାରୁ ଧରା ନ ପଡ଼ିବାକୁ ଅତ୍ୟନ୍ତ ନାଟକୀୟ ଢଙ୍ଗରେ ସମସ୍ତ ତଥ୍ୟ ଉପସ୍ଥାପନ କରି ମେଡିକାଲ କର୍ତ୍ତୃପକ୍ଷ ଓ ପୋଲିସକୁ ଚକମା ଦେଖାଇଥିଲେ। ମେଡିକାଲ କାଗଜପତ୍ର ଯାଞ୍ଚ ସହ ସିସିଟିଭି ଫୁଟେଜ ଯାଞ୍ଚ କରାଯିବା ପରେ ଶିଶୁକନ୍ୟା ଚୋରିର ରହସ୍ୟ ଉନ୍ମୋଚିତ ହୋଇଥିଲା। ତେବେ ଏସ୍‌ଏନ୍‌ସିୟୁ ଭଳି କଡ଼ା ସୁରକ୍ଷା ବଳୟରେ ଚିକିତ୍ସିତ ଥିବା ଏକ ଶିଶୁ କନ୍ୟାକୁ ଅନ୍ୟ ଏକ ଦମ୍ପତି ନେଇଯିବା ଏଠାକାର ସୁରକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଶିଶୁ ଡିସ୍‌ଚାର୍ଜ ହେବା ସମୟରେ ଉପଯୁକ୍ତ ଯାଞ୍ଚ କରାଯାଉ ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି। ଏହି ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି ସେନେଇ ଅଧିକ ତଦନ୍ତର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



# ମହାପ୍ରଭୁଙ୍କୁ ଦର୍ଶନ କଲେ ହରଭଜନ

ପୁରୀ ଅଫିସ,୨୮।୯

ଲିଜେଣ୍ଡ୍ସ ଲିଗ୍ ଖେଳିବାକୁ ଓଡ଼ିଶା ଆସିଥିବା ପୂର୍ବତନ ଭାରତୀୟ କ୍ରିକେଟ୍ ତାରକା ହରଭଜନ ସିଂ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ଣ ୫ଟାରେ ସେ ଶ୍ରୀମନ୍ଦିର ନିକଟରେ ପହଞ୍ଚିଥିଲେ। ପୁରୀ ପୋଲିସ ପକ୍ଷରୁ ତାଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଜଣେ ଯାତ୍ରୀଗୁମାସ୍ତା ତାଙ୍କ ସହିତ ଶ୍ରୀମନ୍ଦିରକୁ ଯାଇଥିଲେ। ହରଭଜନ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ବେଢ଼ା ପରିଦର୍ଶନ ସହ ଆନନ୍ଦବଜାର ଯାଇ ମହାପ୍ରସାଦ ସେବନ କରିଥିଲେ। ଏହାପରେ ସେ ସିଂହଦ୍ୱାର ଦେଇ ଫେରିଥିଲେ। ବାହାରକୁ ଆସିବା ପରେ ସିଂହଦ୍ୱାର ପାର୍ଶ୍ୱରେ ତାଙ୍କର ଅନେକ ପ୍ରଶଂସକ ସେଲଫି ଓ ଫଟୋ ଉଠାଇବା ପାଇଁ ଅପେକ୍ଷା କରି ରହିଥିଲେ। କମ୍ ସମୟ ମଧ୍ୟରେ ପ୍ରଶଂସକଙ୍କ ସହ ଫଟୋ ଉତ୍ତୋଳନ କରି ସେ ଫେରିଯାଇଥିଲେ। କେତେଜଣ ପୋଲିସ କର୍ମଚାରୀ ମଧ୍ୟ ତାଙ୍କ ସହ ଫଟୋ ଉଠାଉଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ଦର୍ଶନ ତାଙ୍କୁ ଆତ୍ମତୃପ୍ତି ଦେଇଛି ଏବଂ ସେ ଓଡ଼ିଶା ଆସିବା ବେଳେ ମହାପ୍ରଭୁଙ୍କ ଦର୍ଶନର ଅଭିଳାଷ ନେଇ ଆସିଥାଆନ୍ତି ବୋଲି ହରଭଜନ କହିଛନ୍ତି। ମହାପ୍ରଭୁଙ୍କ ଦର୍ଶନ ସାରି ସେ ସିଧା କଟକ ଅଭିମୁଖେ ବାହାରି ଯାଇଥିଲେ। ଉଲ୍ଲେଖଯୋଗ୍ୟ, କଟକ ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଲିଜେଣ୍ଡ୍ସ କ୍ରିକେଟ୍ ଲିଗ୍‌ରେ ମଣିପାଲ୍ ଟାଇଗର୍ସର ଅଧିନାୟକ ଭାବେ ହରଭଜନ ମ୍ୟାଚ ଖେଳୁଛନ୍ତି।



ମହାପ୍ରଭୁଙ୍କୁ ଦର୍ଶନ ସାରି ହରଭଜନ ସିଂ ଶ୍ରୀମନ୍ଦିରରୁ ବାହାରୁଛନ୍ତି।

## ଷ୍ଟାର୍ଟ ଅପ୍ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ଠାରେ ବୁଧବାର ଓଡ଼ିଶା ବାୟୋଟେକ୍ ଷ୍ଟାର୍ଟଅପ୍ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ସମ୍ମିଳନୀକୁ ଉଦ୍‌ଘାଟନ କରି କହିଥିଲେ, ରାଜ୍ୟରେ ବାୟୋ-ଏଣ୍ଟ୍ରେପ୍ରିନରଶିପ (ଜୈବ ଉଦ୍ୟୋଗ)କୁ ପ୍ରୋତ୍ସାହିତ କରିବା ପାଇଁ ଆଇଏଲ୍‌ଏସ୍ ନେଇଥିବା ପଦକ୍ଷେପ ପ୍ରଶଂସନୀୟ। କୃଷି, ସ୍ୱାସ୍ଥ୍ୟ ତଥା ଷ୍ଟାର୍ଟଅପ୍ କ୍ଷେତ୍ରରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ପ୍ରୟୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ କହିଥିଲେ। ଆଇଏଲ୍‌ଏସ୍ ନିର୍ଦ୍ଦେଶକ ପ୍ରଫେସର ପୁଲୋକ କେ. ମୁଖାର୍ଜୀ ବାୟୋ-ଏଣ୍ଟ୍ରେପ୍ରିନରଶିପକୁ ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ସହାୟତା ରହିଥିବାରୁ ପ୍ରଶଂସା କରିଥିଲେ। ଏହି ସମ୍ମିଳନୀରୁ ଯାହା ନିଷ୍କର୍ଷ ବାହାରିବ ତାହା ଷ୍ଟାର୍ଟଅପ୍ ବିକାଶରେ ସହାୟକ ହେବ ବୋଲି ପ୍ରଫେସର ମୁଖାର୍ଜୀ ଆଶାବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଆଇଆଇର ପୂର୍ବତନ ନିର୍ଦ୍ଦେଶକ ଡ. ଅମୂଲ୍ୟ ପଣ୍ଡା, ଡିବିଟିର ବୈଜ୍ଞାନିକ ଡ. ବି. ଏନ୍. ଶତପଥୀ, ଡ. ଗାରିମା ଗୁପ୍ତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ବିଭିନ୍ନ କ୍ଷେତ୍ରରୁ ପ୍ରଦର୍ଶିତ ଉତ୍ପାଦକୁ ନେଇ ପଡ଼ିଥିବା ୪୦ଟି ଷ୍ଟଲ୍ ଉଦ୍‌ଘାଟନ କରିଥିଲେ।

## ଓଡ଼ିଆ ଭାଷା ସୁରକ୍ଷାରେ ରାଧାନାଥଙ୍କ ଭୂମିକା ସ୍ମରଣୀୟ

**ଭୁବନେଶ୍ୱର,୨୮।୯(ବ୍ୟୁରୋ):** କବିବର ରାଧାନାଥଙ୍କ କାବ୍ୟ ସମୂହ ଓଡ଼ିଆ ସାହିତ୍ୟରେ ଏକ ଯୁଗାନ୍ତକାରୀ ଅଧ୍ୟାୟ ସୃଷ୍ଟି କରିଥିଲା। ତାଙ୍କ ରଚନାରେ ଓଡ଼ିଶା ଜନ ଜୀବନର ଚିତ୍ର ନିଖୁଣ ଭାବେ ପ୍ରତିଫଳିତ ହୋଇଛି। ଓଡ଼ିଆ ଭାଷା ସୁରକ୍ଷାରେ ତାଙ୍କର ଭୂମିକା ଚିରସ୍ମରଣୀୟ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କବିବର ରାଧାନାଥ ରାୟଙ୍କ ୧୭୪ତମ ଜୟନ୍ତୀ ପାଳନରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର ପିଏମଜି ଛକ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ସୀତାବଲ୍ଲଭ ମହାପାତ୍ର, ପ୍ରବୀର ମହାନ୍ତି, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ତନ୍ମୟ ସାମନ୍ତରାୟ, ନାରାୟଣ ଓଝା, 'ଉଇ ଫର୍ ଭୁବନେଶ୍ୱର' ସଂଗଠନର କର୍ମକର୍ତ୍ତାଙ୍କ ସହିତ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଏହି ଅବସରରେ ଗିରିଜା ଶଙ୍କର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

# ଯାହା ମଣିଷର କଥା କହେ ନାହିଁ, ତାହା ସାହିତ୍ୟ ନୁହେଁ

### ଅଚ୍ୟୁତାନନ୍ଦ ପତିଙ୍କୁ 'କଥାକଳିକା ସମ୍ମାନ'

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ସାହିତ୍ୟରେ କେବେ ପୁରସ୍କାରର କଥା ନ ଥାଏ। ପୁରସ୍କାର ଆଶାରେ ସାହିତ୍ୟର ସୃଷ୍ଟିହୋଇ ନ ଥାଏ। ଯାହା ମଣିଷର କଥା କହେ ନାହିଁ, ତାହା କେବେ ସାହିତ୍ୟ ହୋଇପାରେନା ବୋଲି କଥାକାର ଅଚ୍ୟୁତାନନ୍ଦ ପତି ମତବ୍ୟକ୍ତ କରିଛନ୍ତି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ମାସିକ ଗଳ୍ପ ପତ୍ରିକା କଥା କଳିକାର ୮ମ ବାର୍ଷିକ ବିଜୟା ବନ୍ଧୁମିଳନ ସମାରୋହରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଥାକାର ପତିଙ୍କୁ 'କଥାକଳିକା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ଅତିଥିମାନେ 'ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ' ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ବାବା ଅଭିରାମ ସରସ୍ୱତୀ ଯୋଗଦେଇ କହିଲେ, ଶ୍ରୀ ଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ତାଙ୍କୁ ବିଶ୍ୱାସ କଲେ ତାଙ୍କ କରୁଣା ଓ ଆଶୀର୍ବାଦ ପ୍ରାପ୍ତ ହୁଏ। ତାଙ୍କୁ ଅନୁଭବ କରିବା ଦରକାର। ଏଥିପାଇଁ କୌଣସି ପୁସ୍ତକ କିମ୍ବା ଅନ୍ୟ କିଛିର ଆବଶ୍ୟକତା ନାହିଁ। ମୁଖ୍ୟବକ୍ତା ପୀତବାସ ରାଉତରାୟ କହିଲେ, ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ବିଷୟରେ ବିଶେଷ ଭାବେ ଉଲ୍ଲେଖ କରାଯାଇଛି। ସୁରେନ୍ଦ୍ର ମହାନ୍ତିଙ୍କ ନୀଳଶୈଳ ରଚନା ଓ ପ୍ରକାଶନ ପରେ ଜଗନ୍ନାଥଙ୍କୁ ନେଇ ସାହିତ୍ୟରେ ଭିନ୍ନ ମୋଡ଼ ଆସିଥିଲା। ସମ୍ମାନିତ ବକ୍ତାଭାବେ ଶ୍ରୀକାନ୍ତ ପରିଜା ଉପସ୍ଥିତ ରହି ଜଗନ୍ନାଥଙ୍କୁ ନେଇ ବ୍ୟକ୍ତିଗତ ଅନୁଭବ ବର୍ଣ୍ଣନା କରିଥିଲେ। ସଭାଧ୍ୟକ୍ଷ ଡ. ବିଭୂତି ପଟ୍ଟନାୟକ, ପତ୍ରିକାର ମୁଖ୍ୟ ସମ୍ପାଦିକା ସୁପ୍ରଭା ରାୟ, କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଚରଣ ଷଡ଼ଙ୍ଗୀ ଓ ସମ୍ପାଦକ ଜୟାଶିଷ ରାୟ ଉପସ୍ଥିତ ଥିଲେ। ଗବେଷକ ତଥା ଭାଷାବିତ୍ ଡ. ଦେବାଶିଷ ମହାପାତ୍ର ସଂଯୋଜନା କରିଥିବାବେଳେ ଲକ୍ଷ୍ମୀ ଚାନ୍ଦ ଧନ୍ୟବାଦ ଦେଇଥିଲେ।

# ବିଏ ପାସ୍ ନ କରି ଅଧ୍ୟାପକ

- ଜାଲ୍ ପ୍ରମାଣପତ୍ର ହାତେଇଥିବା ଅଭିଯୋଗ
- ତଦନ୍ତ ପାଇଁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

କଣାସ,୨୮।୯(ସ୍ୱ.ପ୍ର.)

ପୁରୀ ଜିଲା କଣାସ ବ୍ଲକ ଅଧୀନ ଗଡ଼ସାନପୁଟ ପଞ୍ଚାୟତର ଚଉଦମୌଜା ବିଦ୍ୟୁତ୍ ସ୍ନାତକ ମହାବିଦ୍ୟାଳୟରେ ଜଣେ ଓଡ଼ିଆ ଅଧ୍ୟାପକ ସ୍ନାତକ (ବି.ଏ.) ପାସ୍ ନ କରି ସ୍ନାତକୋତ୍ତର (ଏମ୍.ଏ) ପାସ୍ ସାର୍ଟିଫିକେଟ୍ ଦେଇ ଦୀର୍ଘଦିନ ହେଲା କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ସେ ଜାଲ୍ ପ୍ରମାଣପତ୍ର ବଳରେ ଏଭଳି ନିଯୁକ୍ତି ପାଇଥିବା ଜଣାପଡ଼ିଛି। ସମ୍ପ୍ରତି ସୂଚନା ଅଧିକାର ବଳରେ ଏହି ତଥ୍ୟ ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ଅଧ୍ୟାପକ ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ମହାବିଦ୍ୟାଳୟରେ ୧୯୯୧-୯୨ ମସିହାରେ ବି.ଏ. ଫାଇନାଲ୍ ପରୀକ୍ଷା ଦେଇ ମାଲ୍‌ପ୍ରାକ୍ଟିସ୍‌ରେ ଧରା ପଡ଼ିଥିବାବେଳେ ୧୯୯୪ ମସିହାରେ ରୋଲ ନଂ-୨୧୯୦୩ ପି୫୬୯ରେ ଏମ୍ଏ ପାସ୍ କରିଥିବା ସାର୍ଟିଫିକେଟ୍ ଦାଖଲ କରି କାର୍ଯ୍ୟରେ ଯୋଗଦେଇଛନ୍ତି। ଅନ୍ୟପକ୍ଷରେ ବିଏରେ ସେ ମାଲ୍‌ପ୍ରାକ୍ଟିସ୍ ହୋଇଥିବାବେଳେ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟରୁ କିପରି ପ୍ରୋଭିଜିନାଲ ସାର୍ଟିଫିକେଟ୍ ଓ ମାର୍କଶିଟ୍ ଜାଲିଆତି କରି ଏମ୍ଏରେ ନାମ ଲେଖାଇଲେ ତାହା ପ୍ରଶ୍ନବାଚୀ ହୋଇଛି। ଉତ୍କଳ ୟୁନିଭର୍ସିଟିର କୌଣସି କର୍ମଚାରୀ ଏହି ଜାଲିଆତିରେ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ଅଧ୍ୟାପକଙ୍କର ବିଏ ଫାଇନାଲ ସାର୍ଟିଫିକେଟ୍ ନ ଥିବା ନେଇ ଉତ୍କଳ ୟୁନିଭର୍ସିଟି ପରୀକ୍ଷା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟର ଚିଠି ନଂ-୧୬୦୫୯୩ (୧୨) ୮.୪.୨୦୨୨ରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ସେହିପରି ପ୍ରାଣନାଥ ମହାବିଦ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସମ୍ପୃକ୍ତ ଅଧ୍ୟାପକଙ୍କୁ କୌଣସି ସାର୍ଟିଫିକେଟ୍ ଓ ମାର୍କସିଟ୍ ଦିଆଯାଇନାହିଁ। ତାଙ୍କୁ ବିଏ ପରୀକ୍ଷାରେ ମାଲ୍‌ପ୍ରାକ୍ଟିସ୍ କରାଯାଇଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ସମ୍ପ୍ରତି ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ହସ୍ତଗତ ହୋଇଛି। ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକ ଏହାର ତଦନ୍ତ କରିବା ପାଇଁ ଚିଠି ନଂ- ଇ.ସି-୧୧୬୫୯୩ (୧୨) ତା. ୪.୮.୨୦୨୨ରେ ପ୍ରାଣନାଥ କଲେଜ୍ ଅଧ୍ୟକ୍ଷ, ଚଉଦମୌଜା ବିଦ୍ୟୁତ୍ ମହାବିଦ୍ୟାଳୟର ଅଧ୍ୟକ୍ଷ, ଉତ୍କଳ ୟୁନିଭର୍ସିଟିର ସୂଚନା ଅଧିକାରୀ, ଡେପୁଟି କଣ୍ଟ୍ରୋଲର (ପରୀକ୍ଷା) ଏବଂ କୁଳପତିଙ୍କ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଚଉଦମୌଜା ବିଦ୍ୟୁତ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାମନ୍ତରାୟଙ୍କୁ ପଚାରିବାରୁ କହିଛନ୍ତି, ତଦନ୍ତ ପାଇଁ ଉତ୍କଳ ୟୁନିଭର୍ସିଟିରୁ ଚିଠି ଆସିଥିଲା। ମୁଁ ସମସ୍ତ କାଗଜପତ୍ର ୟୁନିଭର୍ସିଟିରେ ଜମା କରିଦେଇଛି। ସେମାନେ ଯାହା ନିଷ୍ପତ୍ତି ନେବେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ମୃତିରେଖା



@ ବିଶ୍ୱରଞ୍ଜନ



@ ଅର୍ଚ୍ଚିତା



@ ଶ୍ରାବଣୀ



@ ସାନ୍ତାନୁ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ।



ଗଳ୍ପ ପତ୍ରିକା କଥା କଳିକାର ୮ମ ବାର୍ଷିକ ବିଜୟା ବନ୍ଧୁ ମିଳନ ସମାରୋହରେ କଥାକାର ଅଚ୍ୟୁତାନନ୍ଦ ପତିଙ୍କୁ 'କଥା କଳିକା ସମ୍ମାନ' ପ୍ରଦାନ କରାଯାଉଛି।




ଗୀତରେ ନାରୀର ସମ୍ମାନହାନି କରିଥିବା ଅଭିଯୋଗରେ ଜୟପୁରର କଣ୍ଠଶିଳ୍ପୀ ଶଙ୍କର ଓମ୍ ଶରନଙ୍କୁ ଗିରଫ ଦାବିରେ ଡୁଡୁନୁ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବୁଧବାର ମହିଳା ଥାନା ଘେରାଉ କରାଯାଇଛି।



ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟ୍ୟ ଉତ୍ସବରେ ବୁଧବାର ପରିବେଷିତ ନାଟକ 'ନକ୍ଷି କନ୍ଥାର ମଠ'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ପ୍ରାଥମିକ ଚିକିତ୍ସା ଆଧାରିତ ତାଲିମ

**ବାଲିଅନ୍ତା,୨୮।୯(ଡି.ଏନ୍.ଏ.):** ବାଲିଅନ୍ତାସ୍ଥିତ ଜବାହରଲାଲ୍ ନେହେରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ ପକ୍ଷରୁ ୨ ଦିନିଆ ପ୍ରାଥମିକ ଚିକିତ୍ସା ଆଧାରିତ ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷକ ରୂପେ ଡ. ଲୋକନାଥ ସାହୁ ତାଲିମ ପ୍ରଦାନ କରିଥିଲେ। ଶିବିରରେ ବିଦ୍ୟାଳୟର ୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଶେଷ କରି ଦୁର୍ଘଟଣାଗ୍ରସ୍ତ ଆହତ, ସାପ କାମୁଡାରେ ଅସୁସ୍ଥ ଓ ଅଚେତ ବ୍ୟକ୍ତିଙ୍କୁ କିପରି ପ୍ରାଥମିକ ଚିକିତ୍ସା ଦିଆଯିବ ସେଥିନେଇ ତାଲିମ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଅଧକ୍ଷ ବିଜୟ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାଉନ୍‌ସିଲର ରଶ୍ମି ରଞ୍ଜନ ପଟ୍ଟନାୟକ ଶିବିର ପରିଚାଳନା କରିଥିଲେ।

### ଆହତ ମହିଳାଙ୍କୁ ସାହାଯ୍ୟ କଲେ ବିଡିଓ

**ନିମାପଡ଼ା,୨୮।୯(ଡି.ଏନ୍.ଏ.):** ନିମାପଡ଼ା-ପିପିଲି ରାସ୍ତାର ହରିଶପୁର ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇ ଅଚେତ ଅବସ୍ଥାରେ ରାସ୍ତାକଡ଼ରେ ପଡି ରହିଥିଲେ। ସେହି ସମୟରେ ନିମାପଡ଼ା ବିଡିଓ ବସନ୍ତ ମଲ୍ଲିକ ୫-ଟି ସ୍କୁଲ କାର୍ଯ୍ୟ ପରିଦର୍ଶନ କରି ଫେରୁଥିଲେ। ସେ ଦୁର୍ଘଟଣାସ୍ଥଳରେ ଅଟକି ଆହତ ମହିଳାଙ୍କୁ ନିଜ ଗାଡିରେ ନିମାପଡ଼ା ମେଡିକାଲକୁ ନେଇଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହାତ ମହିଳା ଜଣଙ୍କ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଧନୁଆଁ ପଞ୍ଚାୟତ ଭୂଆଁଗ୍ରାମର ସୁଷମା ପ୍ରଧାନ(୪୫)। ସୁଷମା ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ଖେଳାର ହରିଶପୁର ଛକର ଏକ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଆସିଥିଲେ। ରାସ୍ତାରେ ତାଙ୍କ ବାଇକ୍‌କୁ ପଛପଟୁ ଏକ ବାଇକ୍ ଧକ୍କା ଦେବାରୁ ସୁଷମା ତଳେ ପଡି ଗୁରୁତର ଆହତ ହୋଇଥିଲେ। ବିଡିଓଙ୍କୁ ଏପରି କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

### ଏବିଇଓ, ୨ ସିଆର୍‌ସିସିଙ୍କୁ ୬ ଘଣ୍ଟା ଅଟକ

**ନିରାକାରପୁର,୨୮।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ବଡ଼ପୋଖରିଆ ପଞ୍ଚାୟତ ବୋଡଙ୍ଗରାପାଟଣାରେ ଥିବା ବୋଡଙ୍ଗରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାରଠାରୁ ଧାରଣା ଦିଆଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍କୁଲ ଚାର୍ଜ ଦେବା ଏବଂ ସ୍କୁଲରେ ପୂର୍ବରୁ ଥିବା ପ୍ରଧାନ ଶିକ୍ଷକ କିଶୋର କୁମାର ଦାସଙ୍କୁ ଫେରାଇ ଆଣିବା ଦାବିନେଇ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଧାରଣା ଦେଇଥିଲେ। ଧାରଣା ଯୋଗୁ ଛାତ୍ରୀଛାତ୍ରମାନେ ବୁଧବାର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଖବରପାଇ ବୁଧବାର ଟାଙ୍ଗୀ ଏବିଇଓ ସାବିତ୍ରୀ ସାହୁ ଓ ଦୁଇଜଣ ସିଆର୍‌ସିସି ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ ଉତ୍ତ୍ୟକ୍ତ ଧାରଣାକାରୀମାନେ ନ୍ୟାୟ୍ ଦାବିରେ ଉକ୍ତ ଅଧିକାରୀମାନଙ୍କୁ ପୂର୍ବାହ୍ନ ୧୧ରୁ ଅପରାହ୍ନ ୪ଟା ୫୦ ପର୍ଯ୍ୟନ୍ତ ଅଟକାଇ ରଖିଥିଲେ। ପରେ ନିରାକାରପୁର ଥାନା ଅଧିକାରିଣୀ ପହଞ୍ଚି ବୁଝାଶୁଝା କରିଥିଲେ ମଧ କେହି ଶୁଣି ନ ଥିଲେ। ଶେଷରେ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ ପକ୍ଷରୁ ହ୍ୱାଟ୍ସଆପ୍ ମାଧମରେ ଏକ ଲିଖିତ ପ୍ରତିଶ୍ରୁତି ଅଟକ ଥିବା ଏବିଇଓ ଜରିଆରେ ଆନ୍ଦୋଳନକାରୀମାନେ ପାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଭୁବନେଶ୍ୱରରୁ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ

**ଭୁବନେଶ୍ୱର,୨୮।୯ (ବ୍ୟୁରୋ)**



**ଫରକ ପଡୁନି ହ୍ୱାଇଟ୍ ସ୍ପାଇଡର୍**

- କାର୍ ଜବତ, ଖସିଗଲେ ମୁଖ୍ୟ ଅଭିଯୁକ୍ତ
- ଜଟଣୀରୁ ଭୁବନେଶ୍ୱର ଆଣୁଥିଲେ

ବ୍ରାଉନସୁଗାର କାରବାର ରୋକିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଅପରେଶନ 'ହ୍ୱାଇଟ୍ ସ୍ପାଇଡର'ରେ ଚଢ଼ାଉ, ଧରପଗଡ଼ ଜୋର୍‌ଦାର କରାଯାଉଛି। ଇତିମଧ୍ୟରେ ବିପୁଳ ନିଶାଦ୍ରବ୍ୟ ଜବତ ସହ ବହୁ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାସତ୍ତ୍ୱେ କମିଶନରେଟ ପୋଲିସ ଅଞ୍ଚଳରେ ଏହି ବେଆଇନ କାରବାର ବନ୍ଦ ହୋଇପାରୁ ନାହିଁ। ବ୍ରାଉନସୁଗାର ବେପାରୀ, ଏଜେଣ୍ଟ, ଡିଲର ଓ ଗ୍ରାହକଙ୍କ ପାଇଁ କିଛି ବି ଫରକ ପଡୁନି। ଏ ପରିସ୍ଥିତିରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସୁନ୍ଦରପଦା-ଜଟଣୀ ରୋଡ୍‌ସ୍ଥିତ ହାଇଟେକ୍ ପ୍ଲାଜା ନିକଟରେ ଚଢ଼ାଉ କରି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧ କେଜି ୫୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଚାଲାଣରେ ବ୍ୟବହୃତ ଏକ କାର୍ (ଓଡି୦୨ବିଏଚ୍୭୬୯୫) ଜବତ କରାଯିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ହେଲେ କାର୍ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଏସ୍‌ଟିଏଫ୍ କବ୍‌ଜାରୁ ଖସି ପଳାଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ଫରେଷ୍ଟ ପାର୍କସ୍ଥିତ ପ୍ଲଟ୍ ନଂ.୩୧ରେ ରହୁଥିବା ଉମେଶ ବେହେରା (୨୪)। ଏ ସଂକ୍ରାନ୍ତରେ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୯/୨୦୨୨) ରୁଜୁ କରି ଅଭିଯୁକ୍ତ ଉମେଶଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ତଦନ୍ତରେ ବ୍ୟାଘାତ ଆଶଙ୍କାରେ ଏସ୍‌ଟିଏଫ୍ ମୁଖ୍ୟ ଅଭିଯୁକ୍ତଙ୍କ ନାଁ ପ୍ରକାଶ କରି ନ ଥିଲେ ମଧ ସେ ଜଟଣୀ ଅଞ୍ଚଳର ବୋଲି ଜଣାପଡ଼ିଛି। ଏଥିସହ ଜବତ କାରଟି ମୁଖ୍ୟ ଅଭିଯୁକ୍ତଙ୍କ ମା'ଙ୍କ ନାମରେ ଥିବା ଏସ୍‌ଟିଏଫ୍ ସୂଚନା ଦେବା ସହ ମାଷ୍ଟରମାଇଣ୍ଡଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଏକ କାର୍‌ରେ କିଛି ଲୋକ ଜଟଣୀରୁ ସନ୍ଦରପଦା ଆଡ଼େ ବ୍ରାଉନସୁଗାର ଆଣୁଥିବା ଏସ୍‌ଟିଏଫ୍ ସୂଚନା ପାଇଥିଲା। ଏନେଇ ଏସ୍‌ଟିଏଫ୍ ଏୟାରଫିଲ୍ଡ ଥାନାକୁ ଖବର ଦେଇଥିଲା। ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସର ଏକ ମିଳିତ ଟିମ୍ ଜଟଣୀ-ସୁନ୍ଦରପଦା ରାସ୍ତାରେ ଉକ୍ତ କାର୍‌କୁ ପିଛା କରିଥିଲା। ଉକ୍ତ କାର୍‌ଟି ଏକ ସ୍ଥାନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେହି ସମୟରେ ମୁଖ୍ୟ ଅଭିଯୁକ୍ତ ଖସି ପଳାଇଥିଲେ। ହେଲେ ଉମେଶ ଖସିବା ପୂର୍ବରୁ ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିଲେ। କାର୍ ଯାଞ୍ଚ କରିବାରୁ ବ୍ରାଉନସୁଗାର ମିଳିଥିଲା।



ଜବତ କାର୍।

## ୨ ଲୁଟ୍ ଅଭିଯୁକ୍ତ ଗିରଫ
### ବାଇକ, ୩ ମୋବାଇଲ ଫୋନ ଜବତ

**ଭୁବନେଶ୍ୱର,୨୮।୯ (ବ୍ୟୁରୋ)**

ଇନଫୋସିଭ୍ୟାଲି ଥାନା ପୋଲିସ ୨ଜଣ ପେସାଦାର ଲୁଟେରାଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏୟାରଫିଲ୍ଡ ଥାନା ପଞ୍ଚୁପଲୀ ଅଞ୍ଚଳରେ ରହୁଥିବା ଯାଜପୁର ଜିଲାର ଲଳିତ ମୋହନ ବେହୁରା ଏବଂ ପଞ୍ଚୁପଲୀର ତୋଫାନ ଭାରିମଲ। ସେମାନଙ୍କଠାରୁ ଗୋଟିଏ ବାଇକ ଓ ୩ ମୋବାଇଲ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଗତ ୨୦ ତାରିଖରେ ଜଣେ ଛାତ୍ର କଲେଜରୁ ଘରକୁ ଆସିବା ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତଦ୍ୱୟ ଏକ ପଲ୍‌ସରରେ ଆସି ତାଙ୍କ ହାତରୁ ମୋବାଇଲ ଫୋନ୍ ଛଡାଇନେଇ ଫେରାର ହୋଇଯାଇଥିଲେ। ଏନେଇ ଛାତ୍ରଙ୍କ ମାଆ ଥାନାରେ ଅଭିଯୋଗକାରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କ ଘରେ ଚଢାଉ କରି ତାଙ୍କୁ କାବୁ କରିଥିଲା। ଅଭିଯୁକ୍ତଦ୍ୱୟ ବିଭିନ୍ନ ଅଞ୍ଚଳରେ ବହୁ ଚୋରି ଓ ଲୁଟ୍ କରିଥିବା ଜଣାପଡିଛି। ଗତ ଫେବୃୟାରୀରେ ସେମାନେ ଦୟା ବ୍ରିଜ ନିକଟରୁ ପଥଚାରୀଙ୍କଠାରୁ ମୋବାଇଲ ଲୁଟ କରିଥିଲେ। ଉକ୍ତ ମୋବାଇଲ ମଧ ସେମାନଙ୍କଠାରୁ ଜବତ କରାଯାଇଛି।



ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍‌କୁ ବିରୋଧ କରି ଅଲ୍ ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ୍ ୱାର୍କର ଆସୋସିଏଶନ ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପ୍ରକ୍ରିୟାକୁ ବିରୋଧ

**ଭୁବନେଶ୍ୱର,୨୮।୯ (ବ୍ୟୁରୋ)**

ହାଇ ସିକ୍ୟୁରିଟି ନମ୍ବର ପ୍ଲେଟକୁ ନେଇ ସବୁଠି ଚର୍ଚ୍ଚା ଲାଗିରହିଥିବା ବେଳେ ଏହାର ପ୍ରକ୍ରିୟାକୁ ବିରୋଧ କରିଛି ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ।

ବୁଧବାର ଆସୋସିଏଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ମାଷ୍ଟର କ୍ୟାଣ୍ଟିନ ଛକଠାରେ ତୀବ୍ର ପ୍ରତିବାଦ ଦେଖିବାକୁ ମିଳିଥିଲା। ହାଇ ସିକ୍ୟୁରିଟି ନମ୍ବର ଆଳରେ ରୋଜଗାର ଛଡ଼ାଇ ନେବା ଏବଂ ଜରିମାନା ଆଦାୟ ପାଇଁ ଜନସାଧାରଣଙ୍କ ଉପରେ ଜୁଲମ କରିବାକୁ ଏଭଳି କରାଯାଉଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ସରକାର ବିଚାର ବିମର୍ଶ ନ କରି ତରବରିଆ ପୁରୁଣା ଗାଡ଼ିରେ ଏପରି ନମ୍ବର ପ୍ଲେଟ ଲଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସରକାର ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ପାଇଁ ନିର୍ଦ୍ଦେଶନାମା ଜାରି କଲେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଏଥିରେ କି ସିକ୍ୟୁରିଟି ଅଛି ବୋଲି ସଂଘ ପ୍ରଶ୍ନ କରିଛି। ପୂର୍ବରୁ ଯେତେଥର ନମ୍ବର ପ୍ଲେଟ ପରିବର୍ତ୍ତନ ହୋଇଛି ଆର୍ଟିଷ୍ଟମାନଙ୍କ ସହିତ ଆଲୋଚନା କରାଯାଇଛି। ୨୦୧୧ରେ ନମ୍ବର ପ୍ଲେଟ ପରିବର୍ତ୍ତନ କରାଯାଇଥିଲା। ସେତେବେଳେ ଟ୍ରାଫିକ ଓ ପୋଲିସ୍ ଅଧିକାରୀମାନେ ପ୍ଲେଟ ଆର୍ଟିଷ୍ଟଙ୍କୁ ତାଲିମ ଦେଇଥିଲେ ଏବଂ ତାଲିମ ଦେବା ସମୟରେ ମାଗଣାରେ ନମ୍ବର ପ୍ଲେଟ ଲଗାଯାଇଥିଲା। କିନ୍ତୁ ବର୍ତ୍ତମାନର ଏହି ନିୟମ ପ୍ଲେଟ ଆର୍ଟିଷ୍ଟମାନଙ୍କ ସହ ଜନସାଧାରଣଙ୍କୁ ମଧ୍ୟ ଅସୁବିଧାରେ ପକାଉଛି ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଜାତୀୟସ୍ତରରେ ଏମ୍ସର ୬ ରେସିଡେଣ୍ଟ ଡାକ୍ତରୀ ଛାତ୍ରଙ୍କ ସଫଳତା

**ଭୁବନେଶ୍ୱର, ୨୮।୯(ବ୍ୟୁରୋ)**

ଏମ୍ସ ଭୁବନେଶ୍ୱରର ୬ଜଣ ରେସିଡେଣ୍ଟ ଡାକ୍ତରୀ ଛାତ୍ର ତିନି ପୃଥକ୍ ଜାତୀୟ ଶୈକ୍ଷିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫିଜିକାଲ ମେଡିସିନ ଏବଂ ରିହାବିଲିଟେଶନ(ପିଏମ୍ଆର୍) ବିଭାଗର ଜୁନିୟର ରେସିଡେଣ୍ଟ ଡା. ଦେବାନ ବରାଳ ଏବଂ ଡା. ସୌଭିକ ଭଟ୍ଟାଚାର୍ଜଙ୍କ ଟିମ୍ ଏମ୍ସ ନାଗପୁରରେ ଅନୁଷ୍ଠିତ ଇଣ୍ଡିଆନ ଆସୋସିଏଶନ ଅଫ୍ ଫିଜିକାଲ ମେଡିସିନ ଆଣ୍ଡ ରିହାବିଲିଟେଶନ(ଆଇପିଏମ୍ଆର୍)ର ମିଡ୍‌ଟର୍ମ ସିଏମ୍ଇ-୨୦୨୨ର କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଜାତୀୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ କ୍ରମାଗତ ଭାବେ ଦ୍ୱିତୀୟଥର ଏମ୍ସ ଭୁବନେଶ୍ୱର ପିଏମ୍ଆର୍ ଟିମ୍ ଚାମ୍ପିୟନ ହୋଇଛି। ଚଳିତବର୍ଷ ମାର୍ଚ୍ଚରେ ଦିଲ୍ଲୀରେ ଅନୁଷ୍ଠିତ ଏକ ଜାତୀୟ କୁଇଜ୍ ପ୍ରତିଯୋଗିତାରେ ମଧ ଏମ୍ସ ଭୁବନେଶ୍ୱର ପ୍ରଥମ ସ୍ଥାନ ଅଧିକାର କରିଥିଲା। ବର୍ନସ ଆଣ୍ଡ ପ୍ଲାଷ୍ଟିକ ସର୍ଜରି ବିଭାଗର ରେସିଡେଣ୍ଟ ଡା. କୌଶିକ ମହାଦିକ ଏବଂ ଡା. ଏମ୍. ବିଷ୍ଣୁ ସ୍ୱରୂପ ରେଡ୍ଡୀଙ୍କ ଟିମ୍ ପୁଣେସ୍ଥିତ ବିଜେ ସରକାରୀ ମେଡିକାଲ କଲେଜ ଏବଂ ସାଶୁନ ଜେନେରାଲ ହସ୍ପିଟାଲ ପକ୍ଷରୁ 'ଭାସ୍କୁଲାର ଆକ୍ସେସ ଅନ୍ ହେମୋଡାୟଲିସିସ-୨୦୨୨' ଉପରେ ଆୟୋଜିତ ତୃତୀୟ ଜାତୀୟ ସିଏମ୍ଇରେ ପ୍ରଥମ ପୁରସ୍କାର ପାଇଛନ୍ତି। ସେହିଭଳି ଫୁସ୍‌ଫୁସ୍ ଯକ୍ଷ୍ମା ବିଭାଗର ଆବାସିକ ଡା. ଦେବୋପମ ଚାଟାର୍ଜୀ ଏବଂ ଡା. ରୋହିତ ଶିରଗାଓଁକାର 'ପଲ୍‌କୋନନ୍-୨୦୨୨' ଜାତୀୟ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କୋଲକାତାସ୍ଥିତ ସିଆଇଆଇ ସୁରେଶ ନେଟିଆ ସେଣ୍ଟରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲ୍‌ମୋକେୟାର ରିସର୍ଚ୍ଚ ଦ୍ୱାରା ଆୟୋଜିତ ୨୦ତମ ପଲ୍‌ମୋନାରୀ ମେଡିସିନ୍ କନ୍‌ଫରେନ୍ସରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ସମସ୍ତ କୃତୀ ଡାକ୍ତରୀ ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ଡିନ୍(ଏକାଡେମିକ) ଡା. ପି. ଆର୍. ମହାପାତ୍ର, କୁଳସଚିବ ବି. ବି. ମିଶ୍ର, ବର୍ନସ ଏବଂ ପ୍ଲାଷ୍ଟିକ ସର୍ଜରି ବିଭାଗ ମୁଖ୍ୟ ଡା. ସଞ୍ଜୟ ଗିରି, ପିଏମ୍ଆର୍ ବିଭାଗ ମୁଖ୍ୟ ଡା. ଜଗନ୍ନାଥ ସାହୁ ଏବଂ ଭାରପ୍ରାପ୍ତ ଡିଡିଏ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ସଫଳ ପ୍ରତିଭାଙ୍କୁ ଅଭିନନ୍ଦନ ଜଣାଇଥିଲେ।



ଏମ୍ସର ୬ ରେସିଡେଣ୍ଟ ଡାକ୍ତରୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବାରରେ ବାଉନ୍ସରଙ୍କ ଦାଦାଗିରି

**ଭୁବନେଶ୍ୱର,୨୮।୯ (ବ୍ୟୁରୋ)**

- ଗ୍ରାହକଙ୍କୁ ଧକ୍କା ମାରି, ଲୁହା ରଡ୍‌ରେ ପିଟି ବାହାର କଲେ
- ୨ ବାଉନ୍ସର, ବାର୍ କର୍ମଚାରୀଙ୍କ ସହ ୪ ଗିରଫ
- କମିଶନରେଟ ପୋଲିସର କଟକଣାକୁ ବାର ମାଲିକଙ୍କ ବେଖାତିର

କମିଶନରେଟ ପୋଲିସର ନିର୍ଦ୍ଦେଶକୁ ମାନୁନାହାନ୍ତି ବାର ମାଲିକ। କଟକଣା ସତ୍ତ୍ୱେ ବାରରେ ରହୁଛନ୍ତି ବାଉନ୍ସର। ଦେଖାଉଛନ୍ତି ଦାଦାଗିରି। ପ୍ରଥମେ ଗ୍ରାହକଙ୍କୁ ଦୁର୍ବ୍ୟବହାର କଲେ, ପରେ ଧକ୍କା ଦେଇ ବାହାର କଲେ। ଏପରିକି ରାଗ ଶାନ୍ତ ନ ହେବାରୁ ଲୁହା ରଡ, ବାଉଁଶ, ଲାଠି ଆଦିରେ ପିଟି ଲହୁଲୁହାଣ କଲେ। ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଅଶୋକା ବାର୍‌ରେ ଏଭଳି ଘଟଣା ଘଟିଛି। ଅଭିଯୋଗ ପରେ ପୋଲିସ ୨ ବାଉନ୍ସର, ବାର୍ କର୍ମଚାରୀଙ୍କ ସମେତ ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହଳଦିପଡିଆର ମନୋଜ ସାହୁ ଓରଫ ମୁନା(୨୬), କଟକ ବଡମ୍ବାର ଅନିଲ କୁମାର ନାୟକ(୩୨), ନୟାଗଡ ଦଶପଲ୍ଲାର ସଂଜୟ କୁମାର ନାୟକ(୩୨) ଓ ଭୁବନେଶ୍ୱର ଭିଏସ୍ଏସ୍‌ନଗରରେ ରହୁଥିବା ଯାଜପୁର ଜିଲା ବଡବଜାରରେ ସୁରେନ୍ଦ୍ର ସାହୁ(୪୫)। ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ରାତି ୮ଟା ବେଳେ ଅଭିଯୋଗକାରୀ ସୂର୍ଯ୍ୟନାରାୟଣ ତାଙ୍କର ୬ଜଣ ବନ୍ଧୁ ଓ ସମ୍ପର୍କୀୟଙ୍କ ସହ ଉକ୍ତ ବାରରେ ଜନ୍ମଦିନ ପାଳିବାକୁ ଯାଇଥିଲେ। ରାତି ଅଧିକ ହେବାରୁ ବାରର କର୍ମଚାରୀମାନେ ସେମାନଙ୍କୁ ବାର୍‌ରୁ ଚାଲିଯିବାକୁ କହିଥିଲେ। ହେଲେ ସୂର୍ଯ୍ୟନାରାୟଣ ଆଉ ଅଳ୍ପ ସମୟ ପରେ ଚାଲିଯିବେ ବୋଲି କହିଥିଲେ। କିନ୍ତୁ ବାରର କର୍ମଚାରୀ ଏବଂ ବାଉନ୍ସମାନେ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ଧକାଦେଇ ବାହାରକୁ ବାହାର କରିଦେଇଥିଲେ। ବାହାରେ ମଧ ୨୦ରୁ ୩୦ଜଣ ସେମାନଙ୍କୁ ଲୁହା ରଡ଼, ବାଉଁଶ ଏବଂ ଲାଠିରେ ଜୀବନରୁ ମାରିଦେବା ପାଇଁ ଆକ୍ରମଣ କରିଥିଲେ। ସୂର୍ଯ୍ୟନାରାୟଣ ଏନେଇ ଅଭିଯୋଗ କରିବା ପରେ ପୋଲିସ ମାମଲାର ତଦନ୍ତ କରି ବୁଧବାର ଉକ୍ତ ବାରର ୪ଜଣଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିବା ପରେ ଗିରଫ କରିଥିଲା।



ଦରବୃଦ୍ଧି, ବେକାରୀ ସମସ୍ୟା, ଫସଲ ଅଭାବୀ ବିକ୍ରି, ଶ୍ରମିକ ଶୋଷଣ ବିରୋଧରେ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜନସମାବେଶରେ ସିପିଏମ୍ ନେତା ଜନାର୍ଦ୍ଦନ ପତି ଉଦ୍‌ବୋଧନ ଦେଉଛନ୍ତି।

# ଗାଁରୁ ରାଜଧାନୀଯାଏ ପୋଷଣ ଉତ୍ସବ ପାଳନ ଆବଶ୍ୟକ

**ଭୁବନେଶ୍ୱର, ୨୮।୯ (ବ୍ୟୁରୋ)**

**ଆଦିବାସୀଙ୍କ ପୋଷଣ ପାଇଁ ସ୍ୱତନ୍ତ୍ର ମିଶନ ହେଉ**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମର ସଫଳ ରୂପାୟନ ଫଳରେ ରାଜ୍ୟରୁ ଖାଦ୍ୟ ଅଭାବଜନିତ ସ୍ଥିତି ଦୂର ହୋଇଛି। ମାତ୍ର ପୋଷଣ ଉପରେ ଆମକୁ ଅଧିକ ପ୍ରାଧାନ୍ୟ ଦେବାକୁ ହେବ। ଗାଁରୁ ରାଜଧାନୀଯାଏ ବିଭିନ୍ନ ସ୍ତରରେ ବନ ମହୋତ୍ସବ ଭଳି ପୋଷଣ ଉତ୍ସବ ପାଳନ କରାଯିବାର ଆବଶ୍ୟକତା ରହିଛି ବୋଲି ରାଜ୍ୟ ଖାଦ୍ୟ କମିଶନର ଅଧକ୍ଷ ପ୍ରମୋଦ କୁମାର ମେକାପ କହିଛନ୍ତି। ସିୱାଇଏସ୍‌ଡି, ଓଡ଼ିଶା ଡେଭଲପ୍‌ମେଣ୍ଟ ଇନିସିଏଟିଭ ଏବଂ ଫୁଡ୍ ଆଣ୍ଡ ନ୍ୟୁଟ୍ରିସନ କୋଆଲିଏଶନ ପକ୍ଷରୁ ବୁଧବାର ଆୟୋଜିତ 'ଆଦିବାସୀ ଅଞ୍ଚଳକୁ କୁପୋଷଣରୁ ମୁକ୍ତ' ସମ୍ପର୍କିତ ଏକ ଆଭାସୀ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା କହିଛନ୍ତି।



ୱେବିନାରରେ ଯୋଗ ଦେଇଥିବା ଅତିଥିମାନେ।

ସିଏଫ୍‌ଏନ୍‌ଏସ୍ ବୋର୍ଡ ସେକ୍ରେଟାରି ତଥା ପୂର୍ବତନ ଖାଦ୍ୟ ଆୟୋଗ ଅଧକ୍ଷ ରଙ୍ଗଲାଲ ଜାମୁଦା କହିଲେ, ଆଦିବାସୀ ଅଞ୍ଚଳଗୁଡ଼ିକରେ କୁପୋଷଣର ମାତ୍ରା ଉଦ୍‌ବେଗଜନକ ସ୍ତରରେ ରହିଛି। ତେଣୁ କେବଳ ଉତ୍ପାଦନ ବୃଦ୍ଧି ଓ ରପ୍ତାନି ମିଲେଟ ମିଶନର ଲକ୍ଷ୍ୟ ହେବା ଉଚିତ ନୁହେଁ। ଉତ୍ପାଦନ ସହିତ ବ୍ୟବହାର ବଢ଼ିଲେ ଅପପୁଷ୍ଟି ଦୂର ହୋଇପାରିବ ବୋଲି ସେ ମତ ଦେଇଥିଲେ। ପୁଷ୍ଟିହୀନତାର ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚଳିତ ସମସ୍ତ କାର୍ଯ୍ୟକ୍ରମଗୁଡ଼ିକ ଗାଁ ସ୍ତରରୁ ତଦାରଖ ହେବା ଉଚିତ ବୋଲି ସିୱାଇଏସ୍‌ଡିର ମାର୍ଗଦର୍ଶକ ତଥା ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ପରାମର୍ଶ ଦେଇଥିଲେ। ଆଦିବାସୀଙ୍କ ପୋଷଣ ଏବଂ ଖାଦ୍ୟ ପ୍ରଣାଳୀକୁ ନେଇ ସ୍ୱତନ୍ତ୍ର ମିଶନ ଗଠନ କରାଯିବା ଆବଶ୍ୟକ ବୋଲି ସିଏଫ୍‌ଏନ୍‌ଏସ୍‌ର ମୁଖ୍ୟ ପରାମର୍ଶଦାତା ବସନ୍ତ କୁମାର କର କହିଥିଲେ। କୁକୁଡ଼ା, ମାଛ, ଗୋପାଳନ ଓ ବନଜ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ ଓ ପ୍ରକ୍ରିୟାକରଣରେ ଉନ୍ନତି ଆଣିବା ସହିତ କ୍ଷୁଦ୍ର ମହିଳା ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ସେ କହିଥିଲେ। ୟୁନିସେଫ୍‌ର ନ୍ୟୁଟ୍ରିଶନ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ଯୋଗଦେଇ କୁପୋଷଣ ବିରୋଧରେ ମତ ରଖିଥିଲେ। ଆଇନାର ସମ୍ପାଦିକା ସ୍ନେହ ମିଶ୍ର ସ୍ୱାଗତ ଭାଷଣ ଓ ମୁକେଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୁଇଟି ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା।

## ସଂକ୍ଷେପରେ

### ବାରଙ୍ଗର ବିଭିନ୍ନ ସମସ୍ୟା ଉପରେ ଆଲୋଚନା

ବାରଙ୍ଗ,୨୮।୯(ଡି.ଏନ୍.ଏ.)- ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟି ଓ ବାଙ୍କୀ ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ବୁଧବାର ବାରଙ୍ଗ ବ୍ଲକ କନଫରେନ୍ସ ହଲରେ ବାରଙ୍ଗ ଅଞ୍ଚଳର ସମସ୍ୟା ଓ ଏହାର ସମାଧାନ ଶୀର୍ଷକକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବ କମିଟିର ସ୍ଥାୟୀ ସଭାପତି ତଥା ପୂର୍ବତନ ବାଙ୍କୀ ବିଧାୟକ ପ୍ରଭାତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବାରଙ୍ଗ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ମୁରବୀମାନେ କମିଟି ସଭାପତି ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସ୍ଥାୟୀ ସମାଧାନ ପାଇଁ ଅନୁରୋଧ କରିଥିଲେ। ଏହି ଆଲୋଚନାଚକ୍ରରେ ବାଙ୍କୀ ବିକାଶ ମଞ୍ଚର ସମ୍ପାଦକ ଗଣେଶର ସ୍ୱାଇଁ, ପ୍ରେମାନନ୍ଦ ସାହୁ, ବାରଙ୍ଗ ବ୍ଲକ ଅଧକ୍ଷା ସାବିତ୍ରୀ ଦଳାଇ, ଡମପଡା ବ୍ଲକ ଜିଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ, ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟି ସଭାପତି ପ୍ରତାପଚନ୍ଦ୍ର ପାଣି, ସମ୍ପାଦକ ସୁରେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାରଙ୍ଗ ଅଞ୍ଚଳରେ ଥିବା ୮ଟି ହାଇସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ନେଇ ହୋଇଥିବା ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ୩ଜଣ ଛାତ୍ରୀ ଯଥା- ପ୍ରଥମ ହୋଇଥିବା ଗୋଡିସାହି ନୋଡାଲ ହାଇସ୍କୁଲର ଜ୍ୟୋତିରାଣୀ ତ୍ରିପାଠୀ, ୨ୟ ହୋଇଥିବା ସିଦ୍ଧେଶ୍ୱର ନୋଡାଲ ହାଇସ୍କୁଲର ପାୟଲ ପ୍ରଧାନ, ୩ୟ ହୋଇଥିବା ଝୁନ୍‌ଝୁନ୍‌ୱାଲା ବିଦ୍ୟାପୀଠର ଚିନ୍ମୟୀ ପାଇଟାଲଙ୍କୁ ତ୍ରିପାଠୀ ସମ୍ମାନିତ କରିଥିଲେ। ଏହାସହ କୁମାରପୂର୍ଣ୍ଣିମାରେ ଆରମ୍ଭ ହେବାକୁ ଥିବା ବାଙ୍କୀ ମହୋତ୍ସବରେ ଏହି ତିନି ଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସେଠାରେ ସମ୍ମାନିତ କରାଯିବ ବୋଲି ପ୍ରଭାତ ତ୍ରିପାଠୀ ଘୋଷଣା କରିଥିଲେ।

### ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ବାରଙ୍ଗ,୨୮।୯(ଡି.ଏନ୍.ଏ.)- ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଣ୍ଟାବାଡ ପଞ୍ଚାୟତରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ବୁଧବାର ଏକ ଉପ- ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜୁଜନତା ଦଳ ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମୋହନ ହେମ୍ବ୍ରମ, ଭୁବନେଶ୍ୱର ବ୍ଲକ ଅଧକ୍ଷା ନିରୁପମା ସାହୁ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପ-ସଭାପତି ଦେବସ୍ମିତା ଦାସଙ୍କ ସମେତ ଲୋକ ପ୍ରତିନିଧି ଓ ସ୍ଥାନୀୟ ବିଜେଡି ନେତାମାନେ ଉପସ୍ଥିତ ଥିଲେ।

### ଓଡ଼ିଶା ପତ୍ରକାର ସଂଘର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୮।୯ (ବ୍ୟୁରୋ): ଓଡ଼ିଶା ପତ୍ରକାର ସଂଘର ୧୩ତମ ପ୍ରତିଷ୍ଠା ଦିବସ ବୁଧବାର ଗୀତଗୋବିନ୍ଦ ସଦନରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଓ ଖବରଦାତାଙ୍କ ସୁରକ୍ଷା ଆଦି ବିଷୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ଅବସରରେ ଏକାଧିକ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜୟଦେବ ବିଧାୟକ ଅରବିନ୍ଦ ଢାଲିଙ୍କ ସମେତ ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଏବଂ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତି ଥିଲେ।

# ଆଲୋଚନା କମ୍, ହୋହଲ୍ଲା ବେଶି



ବୈଠକରେ ମେୟର ସୁଲୋଚନା ଦାସ, ଅଧିକାରୀ ଓ କର୍ପୋରେଟରମାନେ।

**ବିଏମ୍‌ସି ତୃତୀୟ କର୍ପୋରେଶନ ବୈଠକ**

- ପୂଜାରେ ଭାଙ୍ଗିବନି ବସ୍ତି
- ଉଚ୍ଛେଦ ପୂର୍ବରୁ କର୍ପୋରେଟରଙ୍କୁ ଜଣାଇବ ବିଏମ୍‌ସି

ଭୁବନେଶ୍ୱର, ୨୮।୯ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ତୃତୀୟ କର୍ପୋରେଶନ ବୈଠକ ବୁଧବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ବିଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ଦୁଇ ବୈଠକ ସୁରୁଖୁରୁରେ ସରିଥିବାବେଳେ ଏଥିରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା। ପରିମଳଠାରୁ ଆରମ୍ଭ କରି ରାସ୍ତା ନିର୍ମାଣ, ସୌନ୍ଦର୍ଯ୍ୟକରଣ ଆଦି ବିଭିନ୍ନ ପ୍ରସଙ୍ଗ ଓ ସମସ୍ୟା ଉପରେ ଆଲୋଚନା କରାଯାଇଥିଲେ ମଧ୍ୟ ଅଧିକାଂଶ ସମୟ ହୋହଲ୍ଲାରେ କଟିଥିଲା।

ଆଲୋଚନା ଆରମ୍ଭରୁ ଉଚ୍ଛେଦ ପ୍ରସଙ୍ଗ ଉଠିଥିଲା। ଦୁର୍ଗାପୂଜା ସରିବା ପର୍ଯ୍ୟନ୍ତ ବିଏମ୍‌ସି ପକ୍ଷରୁ କୌଣସି ବସ୍ତି ଭଙ୍ଗା ନ ଯିବା ଉପରେ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ମେୟର ଓ ଅନ୍ୟମାନେ ଗ୍ରହଣ କରିଥିଲେ। କର୍ପୋରେଟରଙ୍କ ବିନା ଅନୁମତି ବା ସେମାନଙ୍କୁ ସୂଚନା ନ ଦେଇ ବିଏମ୍‌ସି କୌଣସି ଉଚ୍ଛେଦ କରିପାରିବ ନାହିଁ ବୋଲି ଏକାଧିକ କର୍ପୋରେଟର ଦାବି ଉପସ୍ଥାପନ କରିଥିଲେ। କର୍ପୋରେଟରମାନେ ଲୋକଙ୍କ ପ୍ରତିନିଧି। ଜନସାଧାରଣଙ୍କ ପାଖରେ ସେମାନେ ଉତ୍ତରଦାୟୀ। ତେଣୁ ତାଙ୍କୁ ନ ଜଣାଇ ବିଏମ୍‌ସି କିପରି ୱାର୍ଡରେ ଉଚ୍ଛେଦ କରୁଛି ବୋଲି ପ୍ରଶ୍ନ ଉଠାଇଥିଲେ। ଏହାଦ୍ୱାରା ଅନେକ ସମୟରେ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଣିକି କର୍ପୋରେଟରଙ୍କୁ ଆଗୁଆ ସୂଚନା ଦେଇ ଜବରଦଖଲ ଉଚ୍ଛେଦ କରାଯିବା ଦାବି ଉପରେ ସମସ୍ତେ ସହମତି ପ୍ରଦାନ କରିଥିଲେ। ଜଣେ ବିଏମ୍‌ସି ଅଧିକାରୀ କହିଛନ୍ତି, ଆମର ଏଥିରେ କିଛି ଅସୁବିଧା ନାହିଁ। ଯେବେବି ବିଏମ୍‌ସି ଉଚ୍ଛେଦ କରେ ତା' ପୂର୍ବରୁ ସମ୍ପୃକ୍ତ ଅଞ୍ଚଳରେ ମାଇକ୍‌ରେ ପ୍ରଚାର କରିଥାଏ। ଏବେ ଆଗୁଆ କର୍ପୋରେଟରଙ୍କୁ ଜଣାଇବୁ। ଏହାଦ୍ୱାରା ଉଭୟ ସକାରାତ୍ମକ ଓ ନକାରାତ୍ମକ ଫଳାଫଳ ମିଳିବାର ସମ୍ଭାବନା ରହିଛି। ଉଚ୍ଛେଦ ହେବା ଜାଣିବା ପରେ ହୁଏତ ସ୍ଥାନୀୟ କର୍ପୋରେଟର ସମ୍ପୃକ୍ତ ଲୋକଙ୍କ ପାଇଁ କିଛି ବ୍ୟବସ୍ଥା କରିବେ। ଅଥବା କିଛି ଭିତିରିଆ ଡିଲ୍ ହୋଇଯାଇ ପାରେ। ସେହିପରି କର୍ପୋରେଟରଙ୍କୁ ଦରମା ପ୍ରଦାନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏ ସମ୍ପର୍କରେ ମେୟର ରାଜ୍ୟ ସରକାରଙ୍କୁ ଚିଠି ଲେଖିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ବିଏମ୍‌ସି ପକ୍ଷରୁ ପ୍ରତି ୱାର୍ଡର ସମସ୍ୟା ଏବଂ ୱାର୍ଡବାସିନ୍ଦାଙ୍କ ମତାମତ ସମ୍ପର୍କରେ ଜାଣିବା ପାଇଁ 'ମୋ ୱାର୍ଡ' ବୈଠକ ଅନୁଷ୍ଠିତ ହେଉଛି। ତେବେ ଏହି ବୈଠକରେ ପୁରୁଣା କର୍ପୋରେଟର ଓ ସେମାନଙ୍କ କର୍ମୀଙ୍କ ଦବ୍‌ଦବାକୁ ନେଇ କେତେଜଣ କର୍ପୋରେଟର ଅସନ୍ତୋଷ ବ୍ୟକ୍ତ କରିବାରୁ ଏହା ଉପର ଆଲୋଚନା କରାଯିବ ବୋଲି ମେୟର କହିଥିଲେ। ସେହିପରି ୱାର୍ଡ ନଂ.୩୭ର କିଛି ଅଞ୍ଚଳରେ ୩ ମାସ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗୋଟିଏ ମାତ୍ର ପାଣି ଟାଙ୍କି ୱାର୍ଡବାସୀଙ୍କ ସମସ୍ୟା ଦୂର କରିପାରୁ ନାହିଁ। ତେଣୁ ଆଉ ଗୋଟିଏ ଟାଙ୍କି ବସାଇବା ପାଇଁ ସ୍ଥାନୀୟ କର୍ପୋରେଟର ବନ୍ଦିତା ପାଲ୍ ଦାବି କରିଥିଲେ। ଏହାବାଦ୍ ୟୁନିଟ-୨ ମାର୍କେଟ କମ୍ପ୍ଲେକ୍ସ, ଡ୍ରେନ୍, ସଫେଇ ସଂସ୍ଥା ଜାଗୃତିର କାର୍ଯ୍ୟକାଳ ବୃଦ୍ଧି ପ୍ରସଙ୍ଗ ଉଠିଥିଲା।

ବୈଠକରେ ଡେପୁଟି କମିଶନର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ସୂର୍ଯ୍ୟବଂଶୀ ମୟୂର ବିକାଶ, ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଧାରଣାରେ ବସିଲେ ଭାଜପା କର୍ପୋରେଟର



**ଅଣଦେଖା ଅଭିଯୋଗ କରିବାକୁ ଦେଲେନି**

ଭାଜପାର ହୋଇଥିବାରୁ ଓ ସଂଖ୍ୟାରେ କମ୍ ଥିବାରୁ ସେମାନଙ୍କୁ ଅଣଦେଖା କରାଯାଉଥିବା ନେଇ ବୈଠକରେ କେତେଜଣ କର୍ପୋରେଟର ଅଭିଯୋଗ କରିଥିଲେ। ଏପରିକି କର୍ପୋରେଶନ ବୈଠକରେ ସେମାନଙ୍କୁ ନିଜ ମତ ରଖିବାକୁ ମଧ୍ୟ ସୁଯୋଗ ଦିଆଯାଉ ନ ଥିବାରୁ ଏହା ପ୍ରତିବାଦରେ ଭାଜପା କର୍ପୋରେଟରମାନେ ବୈଠକ ଅଧାରୁ ଉଠିଆସି ବାହାରେ ଧାରଣା ଦେଇଥିଲେ। କର୍ପୋରେଟର ଅପରୂପ ନାରାୟଣ ରାଉତଙ୍କ ଅଭିଯୋଗ ଅନୁଯାୟୀ, ବିଏମ୍‌ସି ପକ୍ଷରୁ ଆୟୋଜିତ ହେଉଥିବା ଆଜାଦୀକା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ସେପ୍ଟେମ୍ବର ୨୫ରେ ୱାର୍ଡ ନଂ. ୨୯ରେ ହେବାକୁ ସ୍ଥିର କରାଯାଇଥିଲା। ୱାର୍ଡର କର୍ପୋରେଟର ଭାବେ ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏଥିରେ ଛୋଟ ପିଲାଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ମାତ୍ର ୨୪ ତାରିଖ ରାତି ୧୦ଟାରେ ସମ୍ପୃକ୍ତ ୱାର୍ଡର ୱାର୍ଡ ଅଫିସର ତାଙ୍କୁ ମେସେଜ୍ ମାଧ୍ୟମରେ କାର୍ଯ୍ୟକ୍ରମ ବନ୍ଦ କରିବାକୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଭିଆଇପି ଅତିଥି ଯୋଗଦେଇ ପାରୁ ନ ଥିବାରୁ ସ୍ଥଗିତ ରଖିବାକୁ ଜଣାଇଥିଲେ। ଏହାପରେ ଅପରୂପ ସମ୍ପୃକ୍ତ ଅଧିକାରୀଙ୍କୁ ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୨ଶହରୁ ଅଧିକ ପିଲା ଭାଗନେବାକୁ ପୂର୍ବରୁ କୁହାଯାଇଥିଲା। ତେଣୁ ଶେଷ ମୁହୂର୍ତ୍ତରେ କାର୍ଯ୍ୟକ୍ରମ ବନ୍ଦ କରିବା ସମ୍ଭବ ନ ଥିବାରୁ ସେ ତାହାକୁ ଆୟୋଜନ କରିଥିଲେ। ପରେ ସମ୍ପୃକ୍ତ ୱାର୍ଡ ଅଧିକାରୀ ୱାର୍ଡରେ ପୁନର୍ବାର କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବିଧାୟକ କହିଥିବା ଜଣାଇଥିଲେ। ଏହାକୁ ନେଇ ଅପରୂପ ଅସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଏବଂ ମେୟର ଅତିଥି ଭାବେ ଯୋଗ ଦେବାର ଥିଲା। ୭ ଦିନ ପୂର୍ବରୁ ଏହା ନିର୍ଦ୍ଧାରିତ ହୋଇଥିଲା। ମାତ୍ର ହଠାତ୍ କିପରି ଅତିଥି ରହିବେ ନାହିଁ କହି କାର୍ଯ୍ୟକ୍ରମ ବାତିଲ୍ କରିବାକୁ ନିର୍ଦ୍ଦେଶ ଦିଆଗଲା ତାହାକୁ ନେଇ ଅପରୂପ ବୈଠକରେ ପ୍ରଶ୍ନ କରିଥିଲେ। ମାତ୍ର ତାଙ୍କୁ ପ୍ରଶ୍ନ ଠିକ୍ ଭାବେ ଉପସ୍ଥାପନ କରିବାକୁ ଦିଆଯାଇ ନ ଥିଲା। ଲୋକଙ୍କ ଆଗରେ ତାଙ୍କର ଭାବମୂର୍ତ୍ତି କ୍ଷୁର୍ଣ୍ଣ କରିବାକୁ ଏପରି ଜାଣିଶୁଣି କରାଯାଇଥିବା ଅପରୂପ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଏପରି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ତେବେ ଧାରଣା ପରେ ଅନ୍ୟ କର୍ପୋରେଟରମାନେ ଆସି ଏମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ବୈଠକରେ ଯୋଗ ଦେଇଥିଲେ। ଏ ସମ୍ପର୍କରେ ମେୟର କହିଛନ୍ତି, କୌଣସି ରାଜନୈତିକ ଉଦ୍ଦେଶ୍ୟ ରଖି ଏହା କରାଯାଇ ନାହିଁ। ବିଏମ୍‌ସିରେ ଦଳମତ ନିର୍ବିଶେଷରେ ସବୁ କର୍ପୋରେଟର ସମାନ।

# ରାଜଧାନୀ ଆସି ପ୍ରତିବାଦ ଜଣାଇଲେ


ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଅଲ୍ ବାର୍ ଆସୋସିଏଶନ୍ସ ଅଫ୍ ୱେଷ୍ଟର୍ନ ଓଡ଼ିଶା ସେଣ୍ଟ୍ରାଲ ଆକ୍ସନ କମିଟି ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ ସହ ବିଧାନସଭା ଅଭିମୁଖେ ଯିବାବେଳେ ପୋଲିସ ସହ ମୁହାଁମୁହିଁ।

**ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋରଧରିଲା**

- ପୋଲିସ -ଆଇନଜୀବୀଙ୍କ ମଧ୍ୟରେ ଧସ୍ତାଧସ୍ତି

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋର ଧରିଛି। ବୁଧବାର ପଶ୍ଚିମ ଓଡ଼ିଶାର ଶତାଧିକ ଆଇନଜୀବୀ ରାଜଧାନୀ ରାସ୍ତାରେ ଗର୍ଜିଛନ୍ତି। ମାଷ୍ଟରକ୍ୟାଣ୍ଟିନଛକରୁ ଏକ ଶୋଭାଯାତ୍ରା ବିଧାନସଭା ଆଡ଼କୁ ଯିବାବେଳେ ପୋଲିସ ସେମାନଙ୍କୁ ବାଧା ଦେଇଥିଲା। ଫଳରେ ଉଭୟ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ପରେ ଧାରଣାସ୍ଥଳକୁ ଫେରି ଏକ ପ୍ରତିବାଦ ସଭା କରିଥିଲେ। ପ୍ରାୟ ସାଢ଼େ ୨ଟାରେ ଆଇନଜୀବୀଙ୍କ ଏକ ୧୫ଜଣିଆ ପ୍ରତିନିଧି ଦଳ ସହ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଅତିରିକ୍ତ ସଚିବ ପ୍ରଦୀପ ଜେନା ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟ ବାହାରେ ଥିବାରୁ ସେ ଫେରିବା ପରେ ଆଇନଜୀବୀଙ୍କ ଦାବି ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆଇନଜୀବୀମାନେ ଧାରଣାରୁ ହଟିଥିଲେ।

ଆଇନଜୀବୀଙ୍କ ଅଭିଯୋଗ ଅନୁଯାୟୀ ୧୯୯୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସମ୍ବଲପୁରଠାରେ ଏକ ସର୍କିଟ ବେଞ୍ଚ ପ୍ରତିଷ୍ଠା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ସୁପାରିସ କରିଥିଲେ। ମାତ୍ର ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ୨୦୦୭ରେ ଡା. ଜଷ୍ଟିସ ଯଶୋବନ୍ତ ସିଂ ପଶ୍ଚିମାଞ୍ଚଳର ସମ୍ବଲପୁରଠାରେ ସ୍ଥାୟୀ ଖଣ୍ଡପୀଠ ପ୍ରତିଷ୍ଠା କରିବା ଲାଗି ସୁପାରିସ କରିଥିଲେ। ଏହାକୁ ଭିତ୍ତିକରି ୨୦୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ଖଣ୍ଡପୀଠ ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ମାତ୍ର ଏହି ସୁପାରିସକୁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏହାର ଯଥାର୍ଥତା ନ ଥିବା କହି ବିରୋଧ କରୁଛନ୍ତି। ଅପରପକ୍ଷରେ ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ କରିବା ସହ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବାକୁ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶକ୍ରମେ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବାକୁ ବାରମ୍ବାର ଚିଠି ଲେଖୁଥିଲେ ହେଁ ରାଜ୍ୟ ସରକାର ନୀରବ ରହୁଛନ୍ତି। ଏପରିକି ୨୦୧୯ରେ ବେଞ୍ଚ ପ୍ରତିଷ୍ଠା ଲାଗି ବିଧାନସଭାରେ ୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ଘୋଷଣା କରିଥିଲେ ହେଁ ତାହା ନାଳିଫିତା ତଳେ ରହିଯାଇଛି। ରାଜ୍ୟ ସରକାରଙ୍କ ଏପରି ମନୋବୃତ୍ତି ପଶ୍ଚିମ ଓଡ଼ିଶା ପ୍ରତି ଅବହେଳାର ପ୍ରମାଣ। ତେଣୁ ୭ ଜଣ ବିଚାରପତିଙ୍କୁ ନେଇ ସମ୍ବଲପୁରରେ ଏକ ସ୍ଥାୟୀ ଖଣ୍ଡପୀଠ ପ୍ରତିଷ୍ଠା କରିବା ସହ ରାଜ୍ୟ ସରକାର ଏଥିପାଇଁ ଆବଶ୍ୟକ ଜମି ଯୋଗାଇ ଦେବା ଏବଂ ସମସ୍ତ ଆନୁଷଙ୍ଗିକ ଖର୍ଚ୍ଚ ବହନ କରିବାକୁ ଉଲ୍ଲେଖ କରି ଉଚ୍ଚ ନ୍ୟାୟାଳୟଙ୍କ ମତାମତ ଓ ରାଜ୍ୟପାଳଙ୍କ ପରାମର୍ଶ ନେଇ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବାକୁ ସଂଘ ଦାବି କରିଛି। ସେପଟେ ଏନେଇ ସମଗ୍ର ପଶ୍ଚିମ ଓଡିଶାରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହାଛଡ଼ା ହାଇକୋର୍ଟକୁ ଭୁବନେଶ୍ୱରକୁ ସ୍ଥାନାନ୍ତର ଦାବିକୁ ମଧ୍ୟ ସଂଘ ସମର୍ଥନ କରିଛି। ଆନ୍ଦୋଳନରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି ଜ୍ଞାନ ମହାନ୍ତି, ସମ୍ବଲପୁର ଓକିଲ ସଂଘ ସଭାପତି ସର୍ବେଶ୍ୱର ମିଶ୍ର, କ୍ରିୟାନୁଷ୍ଠାନ କମିଟି ଯୁଗ୍ମ ଆବାହକ ପ୍ରମୋଦ ଦାସ, ଆବାହକ ଅଶୋକ ଦାସ, ବିଜେନ୍ଦ୍ର ପ୍ରଧାନ ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ପଣ୍ଡା, ସନ୍ତୋଷ ଦାସ, ସୁକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ତଦନ୍ତ ରିପୋର୍ଟ ଦେଉନାହାନ୍ତି ଡିଇଓ

**ସ୍କୁଲ ପିଲାଙ୍କୁ ବନ୍ଦୀ ରଖିବା ଘଟଣା**

ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଭୁବନେଶ୍ୱର ଉପକଣ୍ଠ ଘାଟିକିଆ ସ୍ଥିତ ଆପିଜେ ଇଂଲିଶ ମିଡିୟମ ସ୍କୁଲ ଛାତ୍ରୀଛାତ୍ରଙ୍କୁ ବନ୍ଦୀ ରଖି ନିର୍ଯାତନା ଦେବା ଘଟଣାର ତଦନ୍ତ ରିପୋର୍ଟ ଦେଉନାହାନ୍ତି ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ। ଏହାକୁ ନେଇ କ୍ଷୁବ୍ଧ ହୋଇଛି ଗଣଶିକ୍ଷା ବିଭାଗ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଡିଇଓଙ୍କୁ ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଚିଠି ଲେଖାଯାଇଛି। ଯୁଗ୍ମ ନିର୍ଦ୍ଦେଶକ ଚିଠି ଲେଖି କହିଛନ୍ତି ଯେ, ସ୍କୁଲରେ ଯେଉଁ ନିର୍ଯାତନା ଦିଆଯାଇଥିବା ଘଟଣାର ଅଭିଯୋଗ ହୋଇଥିଲା, ତା'ର ତଦନ୍ତ ରିପୋର୍ଟ ସହିତ ପେନ୍‌ଡ୍ରାଇଭ, ସିସିଟିଭି ଫୁଟେଜ ଆଦି ଚଳିତ ମାସ ଶେଷ ସୁଦ୍ଧା ଦାଖଲ କରିବା ପାଇଁ ଗତ ୧୩ ତାରିଖରେ ଚିଠି ହୋଇଥିଲା। ଏଥିସହିତ ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯିବ ସେ ବିଷୟରେ କହିବା ପାଇଁ କୁହାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ରିପୋର୍ଟ ଦାଖଲ ହୋଇନାହିଁ। ତେଣୁ ତୁରନ୍ତ ଏହି ମାସ ଶେଷ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଗତ ଅଗଷ୍ଟ ୨୨ରେ ସ୍କୁଲର ୩୪ଜଣ ଛାତ୍ରୀଛାତ୍ରଙ୍କୁ ଫି' ବାକି ଥିବାରୁ ଲାଇବ୍ରେରି ରୁମ୍‌ରେ ବନ୍ଦୀ କରି ୫ ଘଣ୍ଟା ରଖିଥିଲେ କର୍ତ୍ତୃପକ୍ଷ। ପିଲାଙ୍କୁ ପାଣି ପିଇବାକୁ ନ ଦେବା, ଘର ଲୋକଙ୍କ ସହିତ କଥା ହେବାକୁ ନ ଦେବା ଏବଂ ପରିସ୍ରା କରିବାକୁ ବିଛଡ଼ାଯାଇ ନ ଥିଲା। ଏନେଇ ଭରତପୁର ଥାନାରେ ମାମଲା ରୁଜୁ ହୋଇଥିଲା।

## 'ନବଦୁର୍ଗା ସ୍ତୋତ୍ରମ୍' ମ୍ୟୁଜିକ ଭିଡିଓ ରିଲିଜ୍




ଭୁବନେଶ୍ୱର,୨୮।୯(ବ୍ୟୁରୋ)

ଅରୋମିରା ଏଣ୍ଟରଟେନମେଣ୍ଟ ପକ୍ଷରୁ ସୋମବାର ସ୍ଥାନୀୟ ଏକ ହୋଟେଲରେ 'ନବଦୁର୍ଗା ସ୍ତୋତ୍ରମ' ମ୍ୟୁଜିକ ଭିଡିଓର ଶୁଭମୁକ୍ତି ହୋଇଯାଇଛି। ମା' ଦୁର୍ଗାଙ୍କ ୯ ରୂପ ଯଥା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀଙ୍କୁ ନେଇ ଗୋଟିଏ ଲେଖାଏଁ ମନ୍ତ୍ର ସ୍ଥାନ ପାଇଛି। ଅଭିନେତ୍ରୀ ବିଏମ୍ ବୈଶାଳୀ ପ୍ରତିଟି ଚରିତ୍ରକୁ ନିଖୁଣ ଭାବେ ଅଭିନୟ କରିଛନ୍ତି। ସୁସ୍ମିତା ଦାସ ଏବଂ ନିର୍ଦ୍ଦେଶକ ଦେବ ମେହେର ଏହି ଭିଡିଓକୁ ପ୍ରସ୍ତୁତ କରିଛନ୍ତି। କାର୍ଯ୍ୟକ୍ରମରେ ସଙ୍ଗୀତ ରଚନା କରିଥିବା ପଙ୍କଜ ଜାଲ ଉପସ୍ଥିତ ଥିଲେ। ଗଣମାଧ୍ୟମ ସଂଯୋଜକ ରଶ୍ମିତା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୂଜା ପାଇଁ ଭାରିଯାନ ଚଳାଚଳରେ କଟକଣା

ଭୁବନେଶ୍ୱର,୨୮।୯ (ବ୍ୟୁରୋ)

ଦୁର୍ଗାପୂଜା ନିମନ୍ତେ ଅକ୍ଟୋବର ୧ରୁ ୫ ପର୍ଯ୍ୟନ୍ତ ରାଜଧାନୀ ଭୁବନେଶ୍ୱର ସହରରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ଅପରାହ୍ନ ୪ଟାରୁ ରାତି ୨ଟା ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଖଣ୍ଡଗିରୀ ଛକଠାରୁ ପୋଖରୀପୁଟ, ଫାୟାର ଟ୍ରେନିଂ ସ୍କୁଲ ଛକରୁ ଶିଶୁଭବନ ଛକ, ସିଆରପି ଛକରୁ ପାୱାର ହାଉସ, ଜୟଦେବ ବିହାର ଛକରୁ ରାଜଭବନ ଓ ନନ୍ଦନକାନନ, ଆଚାର୍ଯ୍ୟବିହାର ଛକରୁ ଏୟାରପୋର୍ଟ ଓ କଳିଙ୍ଗ ହସ୍ପିଟାଲ, ବାଣୀବିହାର ଛକରୁ ଶିଶୁଭବନ, ରସୁଲଗଡ ଛକରୁ ଲିଙ୍ଗିପୁର, ଜାତୀୟ ରାଜପଥ ୧୬ର ବରମୁଣ୍ଡା ଠାରୁ ପଳାସୁଣି ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ସର୍ଭିସ୍ ରୋଡ଼ ଏବଂ ଏହିସବୁ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ଭାରୀଯାନ ଚଳାଚଳ କରିପାରିବ ନାହିଁ। ଆବଶ୍ୟକ ପଡିଲେ ଖୋର୍ଦ୍ଧା ପଟୁ କଟକଆଡ଼କୁ ଯାଉଥିବା ଭାରୀଯାନଗୁଡିକୁ ପିତାପଲିଠାରୁ ବାମ ପାର୍ଶ୍ୱ ରାସ୍ତାରେ ଡାଇଭର୍ସନ କରାଯିବ। ସେହି ଗାଡିଗୁଡିକ ଚନ୍ଦକା-ବାରଙ୍ଗ ରାସ୍ତା ଦେଇ ବାଲିକୁଦାଠାରେ ଜାତୀୟ ରାଜପଥ ୧୬ରେ ମିଶିବେ। ସେହିଭଳି ରାବଣ ପୋଡ଼ି ସମୟରେ କଟକ ପଟୁ ଆସୁଥିବା ସମସ୍ତ ଗାଡିଗୁଡିକ ଜୟଦେବ ବିହାରଠାରୁ ବାମ ପାର୍ଶ୍ୱ ରାସ୍ତା ଦେଇ ବେହେରାସାହି, ଶାସ୍ତ୍ରୀନଗର, ପାୱାର ହାଉସ ଏବଂ ୟୁନିଟ-୮, ଡ଼ିଏଭି ସ୍କୁଲ ଛକ ଦେଇ ସିଆରପି ଛକରେ ମିଶିବେ।

ପୁରୀପଟୁ ବରମୁଣ୍ଡା ଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକ ଲିଙ୍ଗିପୁର ଛକଠାରୁ ସାମନ୍ତରାପୁର, କଳ୍ପନା, ରାଜମହଲ, ଶିଶୁଭବନ, ଗଙ୍ଗନଗର ଏବଂ ଫାୟାର ଟ୍ରେନିଂ ସ୍କୁଲଛକ ଦେଇ ବରମୁଣ୍ଡା ବସଷ୍ଟାଣ୍ଡକୁ ଯାଇପାରିବେ। ପୁରୀପଟୁ କଟକ ଆଡ଼କୁ ଯାଉଥିବା ସମସ୍ତ ଗାଡିଗୁଡିକ ଲିଙ୍ଗିପୁର ଛକଠାରୁ ବାଇପାସ ରୋଡ଼ରେ ଯାଇ ହାଇଟେକ ମେଡିକାଲ ଛକଠାରେ ଜାତୀୟ ରାଜପଥରେ ମିଶିବେ। ଏହି ନିୟମ ଖିଲାପ କଲେ ଓଡ଼ିଶା ଅର୍ବାନ୍ ପୋଲିସ ଆକ୍ଟ ୨୦୦୩ ଧାରା ୯୬ ଅନୁସାରେ ୫୦୦ ଟଙ୍କା କିମ୍ବା ସର୍ବାଧିକ ୧ ହଜାର ଟଙ୍କା ଜରିମାନା ଦେବାକୁ ପଡିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଅଷ୍ଟମୀରେ ହୁଏ ଆମିଷ ଭୋଗ

ପୁରୁଣା ଭୁବନେଶ୍ୱର,୨୮।୯(ଡି.ଏନ୍.ଏ.)




ଆଉ ଦିନ କେଇଟା ପରେ ଦୁର୍ଗାପୂଜା। ଏଥିପାଇଁ ଚଳଚଞ୍ଚଳ ରାଜଧାନୀ। ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମା'ଙ୍କ ପାଇଁ ସୁଦୃଶ୍ୟ ମଣ୍ଡପ ଓ ତୋରଣ କରି ଆଗରେ ରହିବାକୁ ବିଭିନ୍ନ କମିଟି ପକ୍ଷରୁ ଚାଲିଛି ପ୍ରତିଯୋଗିତା। ଏହି କ୍ରମରେ ହାଟସାହି ସାର୍ବଜନୀନ ଦୁର୍ଗାପୂଜା ସମିତି ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ଜୋରଦାର ଚଳାଇଛି। ଲାଇଟ୍ ଗେଟ୍ ଶ୍ରଦ୍ଧାଳୁଙ୍କ ଆକର୍ଷଣ ସାଜିବ। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ ରହିବ। ଏଥର ପୂଜାରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେବା ନେଇ ସମିତି ପକ୍ଷରୁ ଆକଳନ କରାଯାଇଛି। ଭସାଣ ଉତ୍ସବରେ ବମ୍ବେର ନାସିକ୍‌ର ଢୋଲକ ବାଦ୍ୟ, ବ୍ରହ୍ମପୁରର ଦଶବତାର ନୃତ୍ୟ, ନିଶ୍ଚିନ୍ତକୋଇଲିର ବ୍ୟାଣ୍ଡପାର୍ଟି, ବଲାଙ୍ଗୀରର ମାଦଳ, ମୟୂରଭଞ୍ଜର କଳସ ପାହିଆ ଆକର୍ଷଣ ସାଜିବ। ଷଷ୍ଠୀରେ ବେଲବରଣି, ସପ୍ତମୀରେ କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷଭଳି ଏଥର ମଧ୍ୟ ୪ଜଣଙ୍କୁ ସମ୍ମାନିତ କରାଯିବ। ଅଷ୍ଟମୀ ଭୋଗରେ ମା'ଙ୍କୁ ଆମିଷ ଭୋଗ ଲାଗି କରାଯାଏ। ପ୍ରାୟ ଦୁଇ କୁଇଣ୍ଟାଲ ମାଛରେ ଏହି ଭୋଗକୁ କମିଟି ସଭ୍ୟ, ଶ୍ରଦ୍ଧାଳୁ ସମେତ ସାହି ବଣ୍ଟନ କରାଯିବ। ପ୍ରକାଶ ଯେ, ଏକଦା ୫ରୁ ୧୦ଜଣ ସଭ୍ୟଙ୍କୁ ନେଇ ୬୦ବର୍ଷ ପୂର୍ବେ ସମିତି ଗଠନ କରାଯାଇଥିବା ବେଳେ ଏବେ ୨୫୦ଜଣ ସଦସ୍ୟ ରହିଛନ୍ତି।



ପୂଜା ସହ ଭାଇଚାରକୁ ବଞ୍ଚାଇ ରଖିବା ଲକ୍ଷ୍ୟ। ପ୍ରତ୍ୟେକ ବର୍ଷ ଭଳି ଏଥର ମଧ୍ୟ ୧୦୦୧ ଦୀପ ଜାଳିବା ପାଇଁ ସ୍ଥିର ହୋଇଛି। ଟ୍ରାଫିକ୍ ନିୟନ୍ତ୍ରଣ ସହ ଶୃଙ୍ଖଳାରେ ପୂଜା କାର୍ଯ୍ୟ ପାଇଁ କମିଶନରେଟ ପୋଲିସର ସହଯୋଗ ଲୋଡ଼ାଯାଇଛି।

ପ୍ରସନ୍ନ କୁମାର ରଥ, ସଭାପତି



କୋଭିଡ୍ କଟକଣା ଯୋଗୁ ଦୁଇ ବର୍ଷ ପୂଜା ବନ୍ଦ ରହିଥିଲା। ଚଳିତ ବର୍ଷ ସରକାରଙ୍କ ସମସ୍ତ ଗାଇଡ୍‌ଲାଇନ ପାଳନ କରାଯିବ। ଶବ୍ଦ ପ୍ରଦୂଷଣକୁ ଗୁରୁତ୍ୱ ଦେଇ ଭସାଣି ଶୋଭାଯାତ୍ରା କରାଯିବ। ମଣ୍ଡପ ନିକଟରେ ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ସହ ୪୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହେବେ।

ରାଜେନ୍ଦ୍ର କୁମାର ସମର୍ଥା, ସମ୍ପାଦକ

**ଆହତ ମହିଳାଙ୍କୁ ସାହାଯ୍ୟ କଲେ ନିମାପଡ଼ା ବିଡିଓ**

ନିମାପଡ଼ା,(ଡି.ଏନ୍.ଏ.)- ନିମାପଡ଼ା-ପିପିଲି ରାସ୍ତାର ହରିଶପୁର ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ମହିଳା ଗୁରୁତର ଆହତ ହୋଇ ଅଚେତ ଅବସ୍ଥାରେ ରାସ୍ତାକଡ଼ରେ ପଡି ରହିଥିଲେ। ସେହି ସମୟରେ ନିମାପଡ଼ା ବିଡିଓ ବସନ୍ତ ମଲ୍ଲିକ ୫-ଟି ସ୍କୁଲ କାର୍ଯ୍ୟ ପରିଦର୍ଶନ କରି ଫେରୁଥିଲେ। ସେ ଦୁର୍ଘଟଣାସ୍ଥଳରେ ଅଟକି ଆହତ ମହିଳାଙ୍କୁ ନିଜ ଗାଡିରେ ନିମାପଡ଼ା ମେଡିକାଲକୁ ନେଇଯାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହାତ ମହିଳା ଜଣଙ୍କ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ଧନୁଆଁ ପଞ୍ଚାୟତ ଭୂଆଁଗ୍ରାମର ସୁଷମା ପ୍ରଧାନ(୪୫)। ସୁଷମା ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ଖୋଲାର ହରିଶପୁର ଛକର ଏକ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଆସିଥିଲେ। ରାସ୍ତାରେ ତାଙ୍କ ବାଇକ୍‌କୁ ପଛପଟୁ ଏକ ବାଇକ୍ ଧକ୍କା ଦେବାରୁ ସୁଷମା ତଳେ ପଡି ଗୁରୁତର ଆହତ ହୋଇଥିଲେ। ବିଡିଓଙ୍କୁ ଏପରି କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।




୨୮।୯।୨୦୨୨

| | |
|---|---|
| ୨,୪୬,୪୮୩ ଟଙ୍କା | |
| ସୁନା | ୭.୯୦୦ ଗ୍ରାମ |
| ରୁପା | ୫୨.୫୦୦ ଗ୍ରାମ |

# ପୁରୀକୁ ନିଶାମୁକ୍ତ କରିବ 'ମାତୃଶକ୍ତି'

**ପୋଲିସ ପକ୍ଷରୁ ଅଭିଯାନର ଶୁଭାରମ୍ଭ**

ପୁରୀ ଅଫିସ, ୨୮।୯:

ପୁରୀ ସହରକୁ ନିଶାମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ଏକ ନିଆରା ପ୍ରୟାସ କ୍ରମେ ମାତୃଶକ୍ତି ଅଭିଯାନ ଆରମ୍ଭ ହୋଇଛି। ବୁଧବାର ନରେନ୍ଦ୍ରକୋଣସ୍ଥିତ ବର୍ଷା ଆପାର୍ଟମେଣ୍ଟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍‌ପି ଡ. କନୱର ବିଶାଲ ସିଂ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ପୂର୍ବରୁ ପୋଲିସକୁ ନିଶା କାରବାର ସମ୍ପର୍କରେ ଖବରୀମାନେ ସୂଚନା ଦେଉଥିଲେ। ଏବେ କିନ୍ତୁ ଘରର ଝିଅ ଓ ମହିଳାମାନଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେମାନେ ଖବର ଦେବା ସହ ନିଶା ସେବନ ଓ ବିକ୍ରି ନ କରିବାକୁ ଘରେ ଏବଂ ସ୍ଥାନୀୟ ଅଞ୍ଚଳରେ ସଚେତନ କରାଇବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ଏହି ଅଭିଯାନରେ ପୁରୀର ବିଭିନ୍ନ ସାହିରେ ମହିଳାମାନେ 'ମାତୃଶକ୍ତି ସ୍ୱେଚ୍ଛାସେବୀ' ଭାବେ ଦାୟିତ୍ୱରେ ରହିବେ। ସେମାନେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ବ୍ରାଉନସୁଗାର, ଗଞ୍ଜେଇ ବେପାର, ଅପରାଧ ଆଦି ସମ୍ପର୍କରେ ପୋଲିସକୁ ସୂଚନା ଦେବେ। ଏଥିସହ ନିଶା କାରବାର ଓ ସେବନରୁ ଲୋକେ କିଭଳି ଦୂରେଇବେ ସେନେଇ ସଚେତନ କରାଇବେ। ଏସ୍‌ପି କହିଛନ୍ତି, ମା'ମାନେ ଚାହିଁଲେ ଘରୁ ଓ ସ୍ଥାନୀୟ ଅଞ୍ଚଳରୁ ନିଶା ବେପାର ବନ୍ଦ ହୋଇପାରିବ। ତେଣୁ ପୁରୀକୁ ନିଶାମୁକ୍ତ କରିବା ପାଇଁ ସବୁ ମା' ପ୍ରତିଜ୍ଞା କରିବା ଦରକାର। ନିଶା କାରବାର ସମ୍ପର୍କରେ ସୂଚନା ଦେବା ପାଇଁ ପୁରୀ ପୋଲିସ ଏକ ହେଲ୍ପଲାଇନ୍ ନମ୍ବର–୭୭୩୫୮୪୮୮୬୭ ଜାରି କରିଛି। ଏହି ନମ୍ବରରେ କଲ୍ କରି ଜନସାଧାରଣ ନିଶା କାରବାର ସମ୍ପର୍କରେ ସୂଚନା ଦେଇପାରିବେ। ସେହିପରି ୬ଟି ସ୍କୁଟିର ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ଥାନାରେ ଜଣେ ମହିଳା ଏସ୍‌ଆଇ କିମ୍ବା ଏଏସ୍‌ଆଇଙ୍କ ଅଧୀନରେ ଗୋଟିଏ ଲେଖାଏ ସ୍କୁଟି ରହିବ। ସ୍କୁଟିରେ ମହିଳା ଅଫିସରମାନେ ଥାନା ଅଞ୍ଚଳରେ ଥିବା ପ୍ରତ୍ୟେକ ସାହି ଓ ବସ୍ତି ବୁଲିବେ। ସେମାନଙ୍କ ସହ ଜଣେ ଲେଖାଏ ମହିଳା କନଷ୍ଟେବଳ ମଧ୍ୟ ଯିବେ। ସେମାନେ ଅପରାଧୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ ଏବଂ ନିଶାବେପାର ଉପରେ ନଜର୍ ରଖିବେ ବୋଲି ଏସ୍‌ପି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡା, ଟ୍ରାଫିକ ଡିଏସ୍‌ପି ମନୋବ୍ରତା ଶତପଥୀ, କୁମ୍ଭାରପଡ଼ା ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ, ନିଶା ନିବାରଣ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ସେଠୀ, ଜିଲା ସୁରକ୍ଷା ଅଧିକାରିଣୀ ଶର୍ମିଷ୍ଠା ହୋତାଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଏସ୍‌ପି ଡ. କନୱର ବିଶାଲ ସିଂ ଏବଂ ଅନ୍ୟ ଅଧିକାରୀମାନେ ।

**ଚଳିତବର୍ଷ ୬କୋଟି ୬୦ ଲକ୍ଷର ବ୍ରାଉନସୁଗାର ଜବତ**

ନିଶା କାରବାର ବିରୋଧରେ ପୁରୀ ପୁଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଛି। ଚଳିତବର୍ଷ ଜାନୁୟାରୀ ଆରମ୍ଭରୁ ଏପର୍ଯ୍ୟନ୍ତ ୬କିଲୋ ୬୭୮ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି, ଯାହାର ମୂଲ୍ୟ ୬କୋଟି ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ସେହିପରି ୬୨କିଲୋ ଗଞ୍ଜେଇ ଜବତ କରାଯାଇଛି। ଏନେଇ ପୋଲିସ ୩୯ଟି ମାମଲା ରୁଜୁ କରି ୮୪ଜଣଙ୍କୁ ଗିରଫ କରିଥିବା ପୋଲିସ ସୂଚନା ଦେଇଛି।

## ସର୍ବଶିକ୍ଷା ଅଭିଯାନ କର୍ମଚାରୀଙ୍କୁ ଜରିମାନା

**ଆର୍‌ଟିଆଇରେ ତଥ୍ୟ ମାଗିବା ସତ୍ତ୍ୱେ ଦେଲେନି**

ପୁରୀ ଅଫିସ,୨୮।୯:

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ତଥ୍ୟ ନ ଦେବାରୁ ପୁରୀ ସର୍ବଶିକ୍ଷା ଅଭିଯାନର ବରିଷ୍ଠ ଟେକ୍ନିକାଲ କନ୍‌ସଲ୍‌ଟାଣ୍ଟ ବିଶ୍ୱରଞ୍ଜନ ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଧାନଙ୍କୁ ୧୫ହଜାର ଟଙ୍କା ଜରିମାନା ଦେବାକୁ ରାଜ୍ୟ ସୂଚନା କମିଶନର ବିକ୍ରମ ସେନାପତି ନିର୍ଦ୍ଦେଶ ଦେଇଛନ୍ତି। ୩୦ଦିନ ମଧ୍ୟରେ ଜରିମାନା ଟଙ୍କା ଜମା ନ ହେଲେ ଦୁଇଟି ପର୍ଯ୍ୟାୟରେ ତାଙ୍କ ଦରମାରୁ ଟଙ୍କା କାଟି ଦିଆଯିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

୨୦୧୯ ଡିସେମ୍ବର ୧୭ରେ ପୁରୀ ସଦର ଖଣ୍ଡିଆବନ୍ଧ ଗ୍ରାମର ବଟକୃଷ୍ଣ ପ୍ରଧାନ ପୁରୀ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟକୁ ଯାଇ ଆର୍‌ଟିଆଇ ବଳରେ କିଛି ତଥ୍ୟ ନେବା ପାଇଁ ଆବେଦନ କରିଥିଲେ। ପୁରୀ ସଦର ବ୍ଲକରେ ୨୦୦୭ରୁ ୨୦୧୯ ମସିହା ମଧ୍ୟରେ କେତୋଟି ସ୍କୁଲକୁ ଟଏଲେଟ୍, ରୋଷେଇଘର ଏବଂ ଶ୍ରେଣୀଗୃହ ପାଇଁ ଟଙ୍କା ଆସିଛି, କେତୋଟିରେ ନିର୍ମାଣ କାମ ଶେଷ ହୋଇଛି ପ୍ରଭୃତି ସଂକ୍ରାନ୍ତରେ ସବିଶେଷ ସୂଚନା ମାଗିଥିଲେ। ଏହି ସବୁ ସୂଚନା ବରିଷ୍ଠ ଟେକ୍ନିକାଲ କନ୍‌ସଲ୍‌ଟାଣ୍ଟ ପ୍ରଧାନଙ୍କ ପାଖରେ ଥିବା ସତ୍ତ୍ୱେ ସେ ଦେଇ ନ ଥିଲେ। ବାରମ୍ବାର ଆବେଦନ କରାଯାଇଥିଲେ ମଧ୍ୟ ସେ ଶୁଣି ନ ଥିଲେ। ତେଣୁ ବାଧହୋଇ ବଟକୃଷ୍ଣ ରାଜ୍ୟ ସୂଚନା କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ।

## ସଂକ୍ଷେପରେ

### ଜିଲା କେମିଷ୍ଟ, ଡ୍ରଗିଷ୍ଟ ଆସୋସିଏଶନ୍‌ର ବାର୍ଷିକ ଅଧିବେଶନ

ପୁରୀ ଅଫିସ, ୨୮।୯: ପୁରୀ ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ୍‌ର ବାର୍ଷିକ ଅଧିବେଶନ ବୁଧବାର ସ୍ଥାନୀୟ ଟାଉନ ହଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା, ପୁରୀ ଜିଲା ମୋ ପରିବାର ସଂଯୋଜକ ତଥା ବିଜେଡି ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ଆସୋସିଏଶନର ରାଜ୍ୟ ସଭାପତି ପି. ସତ୍ୟନାରାୟଣ, ସମ୍ପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅଧିବେଶନରେ ଆଗାମୀ ତିନିବର୍ଷ ୨୦୨୨ - ୨୫ ପାଇଁ ଶ୍ୟାମ ପ୍ରସାଦ ଚନ୍ଦ୍ରକା ଓ ଦୀପକ ରଞ୍ଜନ ମହାନ୍ତିଙ୍କୁ ଯଥାକ୍ରମେ ସଭାପତି ଓ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି। ଜିଲାର ବିଭିନ୍ନ ପ୍ରାନ୍ତରୁ ୫୦୦ରୁ ଊର୍ଦ୍ଧ୍ୱ ଔଷଧ ବ୍ୟବସାୟୀ ଯୋଗଦେଇଥିଲେ।



ପୁରୀ ଟାଉନ ହଲରେ ବୁଧବାର ଆୟୋଜିତ ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ୍‌ର ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ଅତିଥି ।

### ଇଣ୍ଟର ସ୍କୁଲ ଫୁଟ୍‌ବଲ: ଜିଲାସ୍ତରକୁ ୩୦ ମନୋନୀତ

ସାକ୍ଷୀଗୋପାଳ ,୨୮।୯(ଡି.ଏନ୍.ଏ.)- ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ସତ୍ୟବାଦୀ ବ୍ଲକର ୧୬ ଗୋଟି ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଇଣ୍ଟର ସ୍କୁଲ ଫୁଟ୍‌ବଲ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ ଭବମ୍ ପ୍ରଧାନ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମଠସାହି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଙ୍କର ସୁବୁଦ୍ଧି ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ଅଭିଭାବକ(ପିଟିଏ) ସଭାପତି ସନାତନ ସାହୁ ଉପସ୍ଥିତ ଥିଲେ। ସତ୍ୟବାଦୀ ହାଇସ୍କୁଲର ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ଓ ଶାରୀରିକ ଶିକ୍ଷା ଶିକ୍ଷକ ସୁଚିତ୍ର ଖିଟେଇ କ୍ରୀଡ଼ା ଉତ୍ସବ ଆୟୋଜନ କରିଥିଲେ। ଲିଙ୍ଗରାଜ ସାହୁ, ସନ୍ଦୀପ୍ ତ୍ରିପାଠୀ, ଉମା ଶଙ୍କର ମିଶ୍ର, ସୁରେଶ ସ୍ୱାଇଁ, ଉମାକାନ୍ତ ନାୟକ, ପୁଷ୍ପାଞ୍ଜଳି ଜେନା ପ୍ରମୁଖ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସତ୍ୟବାଦୀ ବ୍ଲକରୁ ୨ଟି ଟିମ୍ ଯଥା ବାଳକ ବିଭାଗରୁ ୧୫ ଓ ବାଳିକା ବିଭାଗରୁ ୧୫ଜଣ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ଲକ୍ଷ୍ମୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ଦାମୋଦର ମିଶ୍ର ଧନ୍ୟବାଦ ଦେଇଥିଲେ।

### ବଟି ମାଗି ୨ ଗିରଫ; ମାରଣାସ୍ତ୍ର ଜବତ

ପୁରୀ ଅଫିସ ୨୮।୯- ବଟି ମାଗିବା ଅଭିଯୋଗରେ ପୁରୀ ପୋଲିସ ୨ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଳି ସାହି ଥାନା ପୋଲିସ ମିଶ୍ର ସାହି ଅଲେଇ ଲେନ୍‌ର ହରିଶଙ୍କର କାନୁନ୍‌ଗୋ ଏବଂ ବଳିଆପଣ୍ଡା ବିଜୟ ନଗର ମହାରଣା ସାହିର ରାମଚନ୍ଦ୍ର ଦୋ। ହରିଶଙ୍କରଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଜୀବନ୍ତ ବୋମା, ଦୁଇଟି ଗ୍ୟାସ ସିଲିଣ୍ଡର ଏବଂ ଦୁଇଟି ଫ୍ୟାନ ଜବତ ହୋଇଛି। ପୋଲିସ ଏ ନେଇ ଏକ କେସ୍ (ନଂ ୨୨୪/୨୨) ରୁଜୁ କରିଛି। ନିଳାଦ୍ରୀ ବିହାରର ଅଭିଷେକ ପାତ୍ରଙ୍କୁ ହରିଶଙ୍କର ଧମକ ଦେଇ ବଟି ମାଗିଥିଲେ। ଏନେଇ ଅଭିଷେକ ଥାନାରେ ଅଭିଯୋଗ କରିଥିଲେ। ଏହାପରେ ହରିଶଙ୍କରଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନାମରେ ପୁରୀର ବିଭିନ୍ନ ଥାନାରେ ୨୧ ରୁ ଅଧିକ ମାମଲା ରହିଛି। ସେହିପରି ରାମଚନ୍ଦ୍ରଙ୍କ ନିକଟରୁ ୧୨୦୦ ଟଙ୍କା ଜବତ କରିଛି। ଏ ନେଇ ପୋଲିସ ଏକ କେସ (ନଂ ୧୨୯/୨୨) ରୁଜୁ କରିଛି। ସିଦ୍ଧେଶ୍ୱର ପରିଡା ଏକ କାବଡିଆ ଦୋକାନ କରିଛନ୍ତି। ସିଦ୍ଧେଶ୍ୱରଙ୍କୁ ରାମଚନ୍ଦ୍ର ଓ ତାଙ୍କର ତିନିଜଣ ସାଙ୍ଗ ଆସି ବଟି ମାଗିବା ସହ ଯୋରଜବରଦସ୍ତ ୨୦୦୦ ଟଙ୍କା ଛଡାଇ ନେଇ ପଳାଇ ଯାଇଥିଲେ। ଏ ନେଇ ସିଦ୍ଧେଶ୍ୱର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁରୀ ସହରରେ ଦାଦାବଟି ଆଦାୟ ଘଟଣା ବଢିବାରେ ଲାଗିଛି।

## ନ୍ୟାୟ ଦାବିରେ ଧାରଣା, ପଦଯାତ୍ରା

ପିପିଲି, ୨୮।୯(ଡି.ଏନ୍.ଏ/ସ୍ୱ.ପ୍ର.):

ଦୁଇଟି ପ୍ରସଙ୍ଗକୁ ନେଇ ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ପକ୍ଷରୁ ବୁଧବାର ପିପିଲିର ଦୁଇଟି ସ୍ଥାନରେ ଆନ୍ଦୋଳନ କରାଯାଇଛି। ଏକ ଫାଇନାନ୍ସ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ମହିଳାଙ୍କ ସହ ମହାସଂଘର ସଦସ୍ୟା ସଦସ୍ୟମାନେ ଧାରଣା ଦେଇଥିଲେ। ଏହି ଘରୋଇ ଫାଇନାନ୍ସ କମ୍ପାନୀ ଲୋକଙ୍କୁ ଲୋନ୍ ଦେବାକୁ କହି ଠକିଥିବା ମହାସଂଘ ଅଭିଯୋଗ କରିଛି। ସେହିପରି ପିପିଲି ଏନ୍‌ଏସି ଅଧୀନ ୧୧ ନମ୍ବର ୱାର୍ଡର ସୁଦର୍ଶନ ବେହେରା ୮୫ ଡିସିମିଲ ଜମି ଭାଗଚାଷ କରୁଥିବାବେଳେ ତାଙ୍କ ଜମିରେ ଘାସମରା କୀଟନାଶକ ସ୍ପ୍ରେ କରି କେହି ଦୁର୍ବୃତ୍ତ ନଷ୍ଟ କରିଦେଇଛି। ଉକ୍ତ ଜମି ବିକ୍ରିକୁ ନେଇ ଜମି ମାଲିକ ଓ ଭାଗଚାଷୀ ସୁଦର୍ଶନଙ୍କ ମଧ୍ୟରେ ପୂର୍ବରୁ ବିବାଦ ଥିଲା। ଏନେଇ ପିପିଲି ଥାନାରେ ମଧ୍ୟ ଲିଖିତ ଅଭିଯୋଗ ହୋଇଥିଲା। ଏହି ଘଟଣା ପାଇଁ ସୁଦର୍ଶନ ସିଧାସଳଖ ଜମି ମାଲିକଙ୍କୁ ଦାୟୀ କରିବା ସହ ଦଳିତ ମହାସଂଘ ପାଖରେ ଫେରାଦ ହୋଇଛନ୍ତି। ଏ ନେଇ ଜାତୀୟ ଦଳିତ ମହାସଂଘ ପକ୍ଷରୁ ପିପିଲି ବଜାରରେ ଶତାଧିକ ମହିଳା ପଦଯାତ୍ରା କରି ବିଭିନ୍ନ ସ୍ଲୋଗାନ ଦେବା ସହ ପିପିଲି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ପରେ ପିପିଲି ଆଇଆଇସିଙ୍କୁ ଦାବିପତ୍ର ଦେଇଛନ୍ତି। ନ୍ୟାୟ ପ୍ରଦାନରେ ବିଳମ୍ବ ହେଲେ ଆସନ୍ତା ୧୨ତାରିଖରେ ପିପିଲି ଗୁଡିଆ ପୋଖରୀ ଛକରୁ ଏକ ପଦଯାତ୍ରା ଡିଜିପିଙ୍କ କାର୍ଯ୍ୟାଳୟ ଅଭିମୁଖେ ଯିବ ବୋଲି ସଙ୍ଗଠନର ରାଜ୍ୟ ସଭାପତି ବିଜୟ ସେଠୀ ଚେତାବନୀ ଦେଇଛନ୍ତି।

## ଭାଜପା– ବିଜେଡି କର୍ମୀ ମୁହାଁମୁହିଁ

ନିମାପଡ଼ା,୨୮।୯(ଡି.ଏନ୍.ଏ.)

**ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁ ଆତ୍ମହତ୍ୟା ଘଟଣା**

- ପରସ୍ପର ବିରୋଧରେ ନାରାବାଜି, ଥାନାରେ ଅଭିଯୋଗ
- ଗଣ ଶିକ୍ଷାମନ୍ତ୍ରୀଙ୍କୁ ଗିରଫ ଦାବିରେ ଭାଜପାର ରାସ୍ତାରୋକୋ

ନିମାପଡ଼ା ବ୍ଲକ ୧୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଉଦ୍ଦେଶ୍ୟରେ ଆସନ୍ତା ୩୦ ତାରିଖରେ ଗୋପ ମହାଦେବ ପଡିଆଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହେବ। ଏନେଇ ବୁଧବାର ନିମାପଡ଼ା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ବୈଠକ ପରେ ସନ୍ଧ୍ୟାରେ ଭାଜପାର ପ୍ରାୟ ୪୦/୫୦ ଜଣ କର୍ମୀ ଡାକ ବଙ୍ଗଳା ଫାଟକ ନିକଟରେ ପହଞ୍ଚି ମନ୍ତ୍ରୀ ଦାଶଙ୍କୁ ଆକ୍ଷେପ କରି କଟୁ ମନ୍ତବ୍ୟ ସହ ନାରାବାଜି ଦେଇ ହୋହଲ୍ଲା କରିଥିଲେ। ଏଥିସହ କେତେକ ବିଜେଡି ନେତାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ କଟୁ ମନ୍ତବ୍ୟ ଦେଇ ତାଙ୍କ କାରକୁ ଗୋଇଠା ମାରି ସେମାନଙ୍କୁ ଟଣାଓଟରା କରିଥିଲେ। ଖବରପାଇ ଶତାଧିକ ବିଜେଡି କର୍ମୀ ବ୍ଲକ ଛକରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। ଏଥିସହ ଥାନା ସମ୍ମୁଖରେ ମନ୍ତ୍ରୀ ଦାଶଙ୍କ ସପକ୍ଷରେ ଜିନ୍ଦାବାଦ୍ ବିଜେଡି ଜିନ୍ଦାବାଦ୍ ନାରା ଦେଇଥିଲେ। ଏ ସମ୍ପର୍କରେ କେତେକ ବିଜେଡି ନେତା ଆକ୍ଷେପକାରୀ ଭାଜପା ନେତା ଓ କର୍ମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ଭାଜପା ନେତା ଓ କର୍ମୀ ବିଜେଡି କର୍ମୀଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଥିଲେ। ପରେ ଥାନାରେ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଉଭୟ ଦଳ ମଧ୍ୟରେ ହୋଇଥିବା ବିବାଦର ଆଶୁ ସମାଧାନ ହୋଇଛି। ତେବେ ଡାକବଙ୍ଗଳା ଛକ, ବ୍ଲକ ଛକ, ଥାନା ଛକରେ ଉଭୟ ଦଳର କର୍ମୀଙ୍କ ମଧ୍ୟରେ ନାରାବାଜି, ହୋ ହଲ୍ଲା ଯୋଗୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡିଥିଲା। ସେହିପରି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ ତୁରନ୍ତ ଗିରଫ, ମନ୍ତ୍ରିମଣ୍ଡଳରୁ ବହିଷ୍କାର ଦାବିରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନିମାପଡ଼ା ଜୟଶ୍ରୀ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶତାଧିକ କର୍ମୀ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଭାଜପା ଯୁବମୋର୍ଚ୍ଚା ନେତା ଦିଲ୍ଲୀପ ପାତ୍ର, ମାନସ ପ୍ରଧାନ, ନିରଞ୍ଜନ ନାୟକ, ଅଜୟ ଭୋଇ, ସନ୍ତୋଷ ପରିଡା, ପୂର୍ଣ୍ଣଚନ୍ଦ୍ର ଓଝା, ଜାନକୀ ନାଥ ଜେନା, ମୀନଲତା ମହାନ୍ତି, ଝିଲିଲତା ଦାଶ ପ୍ରମୁଖଙ୍କ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଯୁବମୋର୍ଚ୍ଚା କର୍ମୀ ମୁଖ୍ୟ ରାସ୍ତା ଉପରେ ଟାୟାର ଜାଳି ମଧ୍ୟାହ୍ନ ୧୨ଟାରୁ ୧ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ।

## ଶିଶୁ ସୁରକ୍ଷା, ଅଧିକାର ପାଇଁ ବ୍ଲକସ୍ତରୀୟ ବୈଠକ

ବ୍ରହ୍ମଗିରି,୨୮।୯(ଡି.ଏନ.ଏ.)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରହ୍ମଗିରି ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ସୁରକ୍ଷା ଏବଂ ସେମାନଙ୍କ ଅଧିକାର ପାଇଁ ସମସ୍ତ ପଞ୍ଚାୟତସ୍ତରୀୟ କମିଟିର ସଦସ୍ୟ ତଥା ଜନ ପ୍ରତିନିଧି, ସିଡିପିଓ, ବ୍ରହ୍ମଗିରି ବ୍ଲକ ବିଡିଓ, ଜିଲା ଶିଶୁ ମଙ୍ଗଳ ସଦସ୍ୟଙ୍କୁ ନେଇ ବୈଠକ ଆୟୋଜିତ ହୋଇଥିଲା। ଏଥିରେ କମିଟି ଅଧକ୍ଷ ତଥା ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଡିଓ ପ୍ରଦ୍ୟୁମ୍ନ ନାୟକ, ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ରମା ଶଙ୍କର ପାତ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟିର ଶୁଭନାରାୟଣ ଶତପଥୀ ଯୋଗଦେଇ ଶିଶୁଙ୍କ ପ୍ରତି ସେମାନଙ୍କ ଦାୟିତ୍ୱ ଏବଂ ଶିଶୁଙ୍କ ସୁରକ୍ଷା ନିମନ୍ତେ ପ୍ରଣୟନ ହୋଇଥିବା ଆଇନ ସମ୍ପର୍କରେ ଆଲୋଚନା କରିଥିଲେ।

## ବନ୍ୟାଞ୍ଚଳରେ ଏସ୍‌ଆର୍‌ସିଙ୍କ ଟିମ୍

ଗୋପ,୨୮।୯(ଡି.ଏନ୍.ଏ.)

**ସ୍ଥିତି ଅନୁଧ୍ୟାନ କଲେ, କ୍ଷୟକ୍ଷତି ଦେଖିଲେ**

ଚଳିତବର୍ଷ ଲଘୁଚାପ ବର୍ଷା ଓ ବନ୍ୟା ଦ୍ୱାରା ପୁରୀ ଜିଲାର କଣାସ, ଡେଲାଙ୍ଗ, ଗୋପ, ନିମାପଡ଼ା ବ୍ଲକ ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଦୀର୍ଘଦିନ ଧରି ଗ୍ରାମ ସବୁ ଜଳମଗ୍ନ ଥିବାବେଳେ ଲୋକେ ଜଳବନ୍ଦୀ ହୋଇ ରହିଥିଲେ। ଏଥିସହ ବହୁ ଚାଷଜମି ବନ୍ୟାଜଳ ପଶିଯାଇଥିବାରୁ ଧାନ, ଫସଲ, ପନିପରିବା ନଷ୍ଟ ହୋଇଯାଇଥିଲା। ତେବେ ବୁଧବାର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ପେଶାଲ ରିଲିଫ କମିଶନର (ଏସ୍‌ଆର୍‌ସି)ର ଗୋଟିଏ ୧୫ଜଣିଆ ପ୍ରତିନିଧି ଦଳ ଗୋପ ବ୍ଲକର ବନ୍ୟା ପ୍ଲାବିତ ପଞ୍ଚାୟତ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ଅଗଷ୍ଟ ମାସରେ ହୋଇଥିବା ବନ୍ୟାର କ୍ଷୟକ୍ଷତି ଦେଖି ଫେରିଛନ୍ତି। ରାଜ୍ୟ ଏସ୍‌ଆର୍‌ସିର କନିଷ୍ଠ ସେକ୍ରେଟାରୀ ରବିନାରାୟଣ ବାରିକଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଆସି ଗୋପର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି।

ଅଗଷ୍ଟ ୧୬ ରେ ଗୋପ ଜଳସମ୍ପଦ ବିଭାଗ ଅଧୀନ ଖଣ୍ଡିଆକୁଦ ନିକଟ କୁଶଭଦ୍ରା ନଦୀରେ ଏକ ଘାଇ ସୃଷ୍ଟି ହେବା ଓ ଧନୁଆ ନଦୀର ବନ୍ୟା ଜଳରେ ଗୋପ ବ୍ଲକର ୭ ପଞ୍ଚାୟତର ୪୩ ଗାଁର ୩୦ ହଜାର ଲୋକ ଜଳବନ୍ଦୀ ହୋଇଥିଲେ। ସରକାରଙ୍କ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସବୁ ଗାଁକୁ ଯାଇ ପ୍ରଶାସନ ପକ୍ଷରୁ ଆବଶ୍ୟକ ଅନୁସାରେ ଚୁଡ଼ା ଗୁଡ଼ ପାଣି ଓ କିରୋସିନ ବଣ୍ଟନ କରାଯାଇଥିଲା। ବନ୍ୟାଜଳ ସପ୍ତାହ ଧରି ରହିବା ଯୋଗୁ ୩ ହଜାର ହେକ୍ଟର ଚାଷଜମି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଅନେକ ଚାଳଛପର ଘର ସହିତ ଗୁହାଳ ନଷ୍ଟ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏସ୍‌ଆର୍‌ସିର ୧୫ଜଣିଆ ଟିମ୍ ବୁଧବାର ଆସି ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯିବା ସହ ଘାଇ ସୃଷ୍ଟି ହୋଇଥିବା ସ୍ଥାନର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ କେତେକ ଅଞ୍ଚଳବାସୀ ଓ ଚାଷୀମାନଙ୍କ ସହ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିବା ସହ ସ୍ଥାନୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ତେବେ ଏହି ବନ୍ୟା ଜଳରେ ଭବିଷ୍ୟତରେ ବନ୍ୟା ପ୍ଲାବିତ ପଞ୍ଚାୟତ ଲୋକଙ୍କର ଯେପରି କ୍ଷୟକ୍ଷତି ନ ହେବ ସେ ସମ୍ପର୍କରେ ଏକ ତଥ୍ୟ କେନ୍ଦ୍ର ସରକାରଙ୍କୁ ପଠାଯିବ ବୋଲି ଏହି ପ୍ରତିନିଧି ଦଳର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏସଆର୍‌ସିର କନିଷ୍ଠ ସେକ୍ରେଟାରୀ ରବିନାରାୟଣ ବାରିକ କହିଛନ୍ତି।

## ପେଟ୍ରୋଲ ପମ୍ପରୁ ୮.୩୧ଲକ୍ଷ ଟଙ୍କା ଚୋରି

ବଳଙ୍ଗା/ପିପିଲି,୨୮।୯(ଡି.ଏନ୍.ଏ.)

ବଳଙ୍ଗା ଥାନା ଅନ୍ତର୍ଗତ ରୂପଦେଇପୁର ଠାରେ ଥିବା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ କାର୍ଯ୍ୟାଳୟର ଝରକା ତାଡି ଟ୍ରେଜେରୀ ଖୋଲି ଭିତରେ ଥିବା ୮ଲକ୍ଷ ୩୧ହଜାର ୧୯୫ ଟଙ୍କା ଚୋରି ହୋଇଥିବା ନେଇ ବୁଧବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୫୯/୨୨) ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପ୍ରକାଶ ଯେ, ସବୁଦିନ ପରି ମଙ୍ଗଳବାର ରାତିରେ ପେଟ୍ରୋଲ ପମ୍ପରେ ଥିବା କର୍ମଚାରୀମାନେ କାର୍ଯ୍ୟ ସାରି ଅଫିସ ବନ୍ଦକରି ସମସ୍ତେ ଘରକୁ ଯାଇଥିଲେ। ବୁଧବାର ସକାଳୁ ପେଟ୍ରୋଲ ପମ୍ପର ଅଫିସର ଝରକା ଭଙ୍ଗାଯାଇଥିବା ଦେଖି ସ୍ଥାନୀୟ ଲୋକମାନେ ମାଲିକଙ୍କୁ ଖବର ଦେଇଥିଲେ। ଖବର ପାଇ ମାଲିକ ପେଟ୍ରୋଲ ପମ୍ପ ପରିଚାଳକଙ୍କୁ ଜଣାଇଥିଲେ। ଟାଙ୍କି ପରିଚାଳକ ପ୍ରସନ୍ନ ମିଶ୍ର ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ଅଫିସ ଖୋଲି ଦେଖିଲାବେଳେ ଟ୍ରେଜେରି ଭିତରେ ଥିବା ଲକ୍ଷାଧିକ ଟଙ୍କା ନ ଥିଲା। କେହି ଦୁର୍ବୃତ୍ତ ରାତିରେ ଟ୍ରେଜେରି ଭାଙ୍ଗି ଟଙ୍କା ଚୋରି କରିଦେଇଥିବା ନେଇ ପରିଚାଳକ ମିଶ୍ର ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ବଳଙ୍ଗା ଥାନାଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ଘଟଣାସ୍ଥଳକୁ ଯାଇ ପଟ୍ରୋଲ ପମ୍ପରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ତେବେ ଦୁଇଜଣ ଦୁର୍ବୃତ୍ତ ମୁହଁରେ ମୁଖା ପିନ୍ଧି ଟଙ୍କା ଲୁଟୁଥିବା ଦେଖିଥିଲେ। ଦୁର୍ବୃତ୍ତମାନେ ମୁହଁରେ କପଡ଼ା ବାନ୍ଧିଥିବାରୁ ଜଣାପଡୁ ନ ଥିବାବେଳେ ଖୁବ୍‌ଶୀଘ୍ର ତଦନ୍ତ କରି ଚିହ୍ନଟ କରାଯିବ ବୋଲି ଥାନାଧିକାରୀ ପୃଷ୍ଟି କହିଛନ୍ତି।



ମରିଚିକୋଟ ଠାକୁରାଣୀଙ୍କ ରାଜରାଜେଶ୍ୱରୀ ବେଶ । ମା' ରାମଚଣ୍ଡୀଙ୍କ ଉଗ୍ରତାରା ବେଶ ।


ଯାତ୍ରୀଙ୍କ ସୁବିଧା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ପୁରୀ ବସଷ୍ଟାଣ୍ଡ ପରିସରରେ ନିର୍ମିତ ସୂଚନା କେନ୍ଦ୍ର ଉଦ୍‌ଘାଟନ ଅବସରରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟମାନେ ।

## ପିଡିଏସ୍ ସମସ୍ୟାକୁ ନେଇ କଥା କଟାକଟି

କଣାସ,୨୮।୯(ସ୍ୱ.ପ୍ର.):

**କଣାସ ପଞ୍ଚାୟତ ସମିତି ବୈଠକ**

କଣାସ ପଞ୍ଚାୟତ ସମିତିର ବୈଠକ ବୁଧବାର ପଞ୍ଚାୟତ ସମିତି ସଭାଗୃହରେ ଅଧ୍ୟକ୍ଷା ପ୍ରଭାତି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ବିଡିଓ ଲୋଚନ ଦାସ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ଜିଲାପରିଷଦ ସଭ୍ୟା ତଳାମଣି ଜଗଦେବ, ପ୍ରଣତି ଜେନା, ଜିଲାପରିଷଦ ସଭ୍ୟ ଭୀମସେନ ପାଇକରାୟ, ଏମ୍‌ପି ପ୍ରତିନିଧି ବଳରାମ ପଲାଇ, ବିଧାୟକ ପ୍ରତିନିଧି, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବ ବୈଠକର ବିବରଣୀ ପାଠ ବେଳେ ଉପାଧ୍ୟକ୍ଷ ଜୟସିଂହ ଦେଇଥିବା କେତେକ ପ୍ରସ୍ତାବ ଲିପିବଦ୍ଧ କରାଯାଇ ନ ଥିବାରୁ ସେ ପ୍ରତିବାଦ କରିଥିଲେ। ପ୍ରତି ପଞ୍ଚାୟତକୁ ଯୋଗାଇ ଦିଆଯାଉଥିବା ଚାଉଳର ହିସାବ ଦିଆଯାଉ ନ ଥିବାରୁ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ବକୁ ସମିତି ସଭ୍ୟ ଲକ୍ଷ୍ମୀଧର ଜଗଦେବ, ବଡାଲ ସରପଞ୍ଚ ଧନେଶ୍ୱର ଲେଙ୍କା ଏବଂ ଏମ୍‌ପି ପ୍ରତିନିଧି ବଳରାମ ପଲାଇ ପ୍ରତିବାଦ କରିବା ସହିତ ପିଡିଏସ୍ ସାମଗ୍ରୀର ଯାଞ୍ଚ ଲାଗି ପ୍ରତି ପଞ୍ଚାୟତରେ କାହିଁକି ଭିଜିଲାନ୍ସ କମିଟି ଗଠନ କରାଯାଇନାହିଁ, ଅନେକ ପ୍ରକୃତ ହିତାଧିକାରୀ ରାଶନକାର୍ଡ ପାଉନାହାନ୍ତି, ବହୁ ଗରିବ ବ୍ୟକ୍ତିଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ କାହିଁକି ଚାଉଳ ଦିଆଯାଉନାହିଁ ସେ ନେଇ ଦୀର୍ଘସମୟ ଧରି ଆଲୋଚନା ହୋଇଥିଲା। ଏହାକୁ ନେଇ ହୋ ହଲ୍ଲା ମଧ୍ୟ ହୋଇଥିଲା। ପ୍ରତି ମାସ ୫ତାରିଖରେ ସରପଞ୍ଚମାନଙ୍କୁ ପିଡିଏସ୍ ହିସାବ ଦେବାକୁ ଏମ୍‌ଆଇଙ୍କୁ ବିଡିଓ ଦାସ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶିଶୁ ବିକାଶ ଯୋଜନା ଉପରେ କିଛି ସମୟ ଧରି ଆଲୋଚନା ଚାଲିଥିଲା। ଜଣେ ମହିଳା ୬୫ବର୍ଷରୁ ଊର୍ଦ୍ଧ୍ୱ ହେଲେ ସ୍ୱୟଂ ସହାୟକ ଗୋଷ୍ଠୀରେ ରହିପାରିବେ ନାହିଁ ବୋଲି ବକୁ ସମିତି ସଭ୍ୟ ଜଗଦେବ କହିଥିଲେ। ତେବେ ସେ ନେଇ କୌଣସି ବୟସଗତ ସମୟ ସୀମା ନାହିଁ ବୋଲି ସରକାର ଏକ ପତ୍ର ଲେଖିଥିବା ବିଡିଓ ଦାସ ବୈଠକରେ ଦେଖାଇବାରୁ ଦୀର୍ଘ ସମୟଧରି କଥା କଟାକଟି ହୋଇଥିଲା। କେତେକ ଅଙ୍ଗନୱାଡି କେନ୍ଦ୍ରର ନିଯୁକ୍ତି ସଂକ୍ରାନ୍ତ ମାମଲା କୋର୍ଟରେ ଥିବାରୁ ସେହି କେନ୍ଦ୍ର ଗୁଡ଼ିକରେ କୌଣସି ନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି ସିଡିପିଓ କହିଥିଲେ। ଉନ୍ନୟନ କାର୍ଯ୍ୟ ବିଷୟରେ କୌଣସି ଫି' ନ ନେବା ପାଇଁ ଉପାଧ୍ୟକ୍ଷ ଜୟସିଂହ କହିଥିଲେ। ମିଶନ ଶକ୍ତି ତରଫରୁ ଏମ୍‌ବିକେସିଆର୍‌ପି ନିଯୁକ୍ତିକୁ ନେଇ କିଛି ସମୟ ଧରି ବୈଠକରେ ଉତ୍ତେଜନା ପ୍ରକାଶ ପାଇଥିଲା। କୃଷି ଉଦ୍ୟାନ ବିଭାଗ ବିଷୟରେ ଆଲୋଚନା ପରେ ବନ୍ୟା କ୍ଷୟକ୍ଷତି ହୋଇଥିବାରୁ ତୁରନ୍ତ ଚାଷୀଙ୍କୁ ଚାଷ ଲାଗି ବିରି, ମୁଗ, ଚିନାବାଦାମ, ଗହମ, ଧାନ ବିହନ ଯୋଗାଇଦେବାକୁ ବୈଠକରେ ଦାବି ହୋଇଥିଲା।

## ନଭେମ୍ବର ୪ରେ ସମିତି ସଭ୍ୟା ନିର୍ବାଚନ

କଟକ ସଦର, (ଡି.ଏନ୍.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତ ପାଟଣା ପଞ୍ଚାୟତ ସମିତି ସଭ୍ୟା ପଦବୀ ପାଇଁ ଆସନ୍ତା ନଭେମ୍ବର ୪ରେ ନିର୍ବାଚନ ହେବ। ଏ ନେଇ ବୁଧବାର ରାଜ୍ୟ ନିର୍ବାଚନ ଆୟୋଗ ବିଜ୍ଞପ୍ତି ଜାରି କରିବା ସହ ଉକ୍ତ ପଞ୍ଚାୟତରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଅକ୍ଟୋବର ୬ରେ ବ୍ଲକ କାର୍ଯ୍ୟାଳୟର ନିର୍ବାଚନ ସଂକ୍ରାନ୍ତୀୟ ବିଜ୍ଞପ୍ତି ପ୍ରକାଶ ପାଇବ। ଅକ୍ଟୋବର ୧୦ରୁ ୧୨ ତାରିଖ ମଧ୍ୟରେ ବ୍ଲକ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରାଯିବ। ୧୩ରେ ଯାଞ୍ଚ ସହ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୫ ତାରିଖ ଅପରାହ୍ନ ୩ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯାଇପାରିବ। ନଭେମ୍ବର ୪ରେ ନିର୍ବାଚନ ଓ ୫ରେ ଗଣତି କରାଯାଇ ଫଳ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।


ଷୋଳପୂଜା ଅବସରରେ ବୁଧବାର ମା' କଟକ ଚଣ୍ଡୀଙ୍କ ଷୋଡଶୀ ବେଶ।


ମା'ଗଡ଼ଚଣ୍ଡୀଙ୍କ ନାରାୟଣୀ ବେଶ।


ମା' ଝାଞ୍ଜିରୀମଙ୍ଗଳାଙ୍କ ଗାୟତ୍ରୀ ବେଶ।


ମା' ବାସନ୍ତୀ ଦୁର୍ଗାଙ୍କ ଅନ୍ନପୂର୍ଣ୍ଣା ବେଶ।


ପୀଠାପୁରସ୍ଥିତ ମା' ଧାକୁଲେଇଙ୍କ ଉଗ୍ରତାରା ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ଦ୍ୱାଦଶ ଦିନର ବେଶ।

## ସଂକ୍ଷେପରେ

### ଟ୍ରେଲର-ବାଇକ୍ ମୁହାଁମୁହିଁ ଧକ୍କା: ମା', ପୁଅ ଗୁରୁତର

ଖୁଣ୍ଟୁଣୀ, ୨୮।୯(ଡି.ଏନ୍.ଏ.)- ଖୁଣ୍ଟୁଣୀ ଥାନା ଅଧୀନ ପୁରୁଷୋତ୍ତମପୁର ଗ୍ରାମ ନିକଟ ଜାତୀୟ ରାଜପଥରେ ବୁଧବାର ପୂର୍ବାହ୍ନରେ ଟ୍ରେଲର-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍‌ରେ ବସିଥିବା କେନ୍ଦ୍ରାପଡ଼ା ଜିଲା ସମୁଦ୍ରକୂଳ ବତୀଘର ପାର୍ଶ୍ୱର ପ୍ରଦୀପ ଜେନା ଓ ତାଙ୍କ ମା' ସରସ୍ୱତୀ ଜେନା ଗୁରୁତର ହୋଇଛନ୍ତି। ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କଟକ ପଟୁ କୁଲାଇଲୋ ଅଭିମୁଖେ ପ୍ରଦୀପ ଓ ସରସ୍ୱତୀ ବାଇକ୍‌ରେ ଆସୁଥିବାବେଳେ ବିପରୀତ ଦିଗରୁ ଯାଉଥିବା ଟ୍ରେଲର ସହିତ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଚାଳକ ଟ୍ରେଲର ନେଇ ପଳାଇ ଯାଉଥିଲେ। ସ୍ଥାନୀୟ ଯୁବକମାନେ ସମ୍ପୃକ୍ତ ଚାଳକଙ୍କୁ କାବୁ କରି ଖୁଣ୍ଟୁଣୀ ପୋଲିସ ଜିମା ଦେଇଥିଲେ।

### ବଟି ଆଦାୟ, ଯୁବକ ଗିରଫ

କଟକ ଅଫିସ,୨୮।୯: ବଟି ଆଦାୟ ଅଭିଯୋଗରେ ମାଲଗୋଦାମ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ କଖଡ଼ି ଗ୍ରାମର ପ୍ରଦୀପ କୁମାର ନାୟକ(୩୦)। କଲେଜ ଛକ ଯୁନୁସ ପାଟଣାର ସତ୍ୟନାରାୟଣ ପ୍ରସାଦଙ୍କ ଅଭିଯୋଗ ଅନୁଯାୟୀ, ପ୍ରଦୀପ ନିଜକୁ ସାମ୍ବାଦିକ କହି ୭ ମାସ ହେବ ଘରଭଡା ଦେଉ ନ ଥିଲେ। ଏପରି କି ହୋଟେଲ ବିଲ୍ ୧୫,୦୦୦ ଓ ମୋବାଇଲ ରିଚାର୍ଜ ବାବଦରେ ମଧ୍ୟ ୭୮୦ ଟଙ୍କା ଦେଇ ନଥିଲେ। ଟଙ୍କା ମାଗିବାରୁ ଗାଳିଗୁଲଜ କରୁଥିଲେ। ଏଥିସହ ପୂଜା ବଟି ବାବଦରେ ୧୦ ହଜାର ଟଙ୍କା ଦାବି କରିବା ସହି ବିଭିନ୍ନ ବ୍ୟବସାୟୀଙ୍କଠାରୁ ମଧ୍ୟ ପୂଜାବଟି ଆଦାୟ କରୁଥିବା ପୋଲିସ ତଦନ୍ତରୁ ଜାଣିଥିଲା। ଏ ନେଇ ମାଲଗୋଦାମ ଥାନାରେ ଏକ ମାମଲା(ନଂ.୧୬୦/୨୨) ରୁଜୁ ହୋଇଛି।

### ରାଜ୍ୟସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ

କଟକ ଅଫିସ, ୨୮।୯- କଟକ ବକ୍ସିବଜାରସ୍ଥିତ ପ୍ରାଣୀ ଚିକିତ୍ସାଳୟରେ ରାଜ୍ୟସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ନିର୍ଦ୍ଦେଶକ ଡା. ରମେଶ ବେହେରା ଯୋଗଦେଇ ଜଳାତଙ୍କ ରୋଗ ବିଷୟରେ କହିଥିଲେ। ସେହିପରି ଅତିରିକ୍ତ ନିର୍ଦ୍ଦେଶକ ଡ. ନାରାୟଣ ବେହେରା, ଡ. ନୃସିଂହ ମିଶ୍ର, ଡ. ପ୍ରଫୁଲ୍ଲ ଦାସ, ଡ ଦେବଦତ୍ତ ପାଢୀ, ଡ. ରଶ୍ମିରଞ୍ଜନ ଦାସ ପ୍ରମୁଖ ଜଳାତଙ୍କ ରୋଗ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଆୟୋଜିତ ଜ୍ଞାନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରାଣୀ ଚିକିତ୍ସା ଅଧିକାରୀମାନେ ୧୨୮ ପୋଷା କୁକୁରଙ୍କୁ ଟିକାକରଣ କରିଥିଲେ। ଡ. ରୋଶନି ବୁଦ୍ଧ ଧନ୍ୟବାଦ ଦେଇଥିଲେ।

### 'ଓଡ଼ିଆ ସାହିତ୍ୟର ମାର୍ଗଦର୍ଶକ ଥିଲେ ରାଧାନାଥ ରାୟ'

କଟକ ଅଫିସ, ୨୮।୯- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କବିବର ରାଧାନାଥ ରାୟଙ୍କ ଜୟନ୍ତୀ କଟକ ଶ୍ରୀରାମଚନ୍ଦ୍ର ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧ୍ୟକ୍ଷତା କରି କହିଥିଲେ, କବିବର ରାୟ ଆଧୁନିକ ଓଡ଼ିଆ ସାହିତ୍ୟର ମାର୍ଗଦର୍ଶକ ଥିଲେ। ତାଙ୍କ ପ୍ରତିଟି କାବ୍ୟର ବୈଚିତ୍ର୍ୟମୟ ବିଷୟବସ୍ତୁ, ପ୍ରଭାବଶାଳୀ ଭାବବସ୍ତୁ ତାଙ୍କୁ ଅନନ୍ୟ ଆସନର ଅଧିକାରୀ କରିପାରିଛି। ଏହି ସଭାରେ ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଗଜେନ୍ଦ୍ର କୁମାର ପାଣି, ତ୍ରିଲୋଚନ ମହାକୁଳ, ତରୁଣ ସାହୁ, ରବୀନ୍ଦ୍ର କୁମାର ବେହୁରିଆ, ଅନୁଷ୍ଠାନର ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ, କାର୍ଯ୍ୟକାରୀ ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି, ଅଶ୍ୱିନୀ ସେଠୀ, ହେମଲତା ସିଂ, ଶରତ ଚନ୍ଦ୍ର ଦାଶ, ସୁକୁମାର ସାମଲ, ଇଂ. ଦୁଃଶାସନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଜନବସତିମୁହାଁ ହାତୀ ନେଲା ଜୀବନ

କଟକ ଅଫିସ, ୨୮।୯- କଟକ ଉପକଣ୍ଠ ଜଗତ୍‌ପୁରରେ ହାତୀ-ମଣିଷ ଲଢ଼େଇର ଏକ ଚିତ୍ର ସାମ୍ନାକୁ ଆସିଛି। ଢେଙ୍କାନାଳ ଜଙ୍ଗଲରୁ ଚାଲିଆସିଥିବା ୩ଟିକିଆ ହାତୀପଲ ମଙ୍ଗଳବାର ସନ୍ଧ୍ୟାରୁ ଚୌଦ୍ୱାର ଏବଂ ଜଗତପୁର ଅଞ୍ଚଳରେ ଉପଦ୍ରବ ଆରମ୍ଭ କରିଥିଲେ। ଏପରି କି ବୁଧବାର ସକାଳେ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ମାଈହାତୀ ନଦୀରେ ଭାସିଯାଇ ପ୍ରାଣ ହରାଇଛି। ଆଉ ଏକ ଛୁଆହାତୀ ଏବେ ନିଜର ବାଟ ଭୁଲିଯାଇ ଇତସ୍ତତଃ ବୁଲୁଛି। ହାତୀଗୁଡ଼ିକ ଜନବସତି ଅଞ୍ଚଳକୁ ଚାଲିଆସି କ୍ଷୟକ୍ଷତି କରୁଥିବାବେଳେ ସେମାନଙ୍କୁ ଅଟକାଇବାରେ ବନବିଭାଗ ସମ୍ପୂର୍ଣ୍ଣ ବିଫଳ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।



### ଗର୍ଭବତୀ ଥିଲା ମୃତ ମାଈହାତୀ

କଟକ ନିକଟ ମହାନଦୀରେ ବୁଧବାର ମାଈହାତୀ ଭାସିଯାଇ ମୃତ୍ୟୁ ଘଟିଛି। ହାତୀର ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ କରାଯିବା ପରେ ତାହା ୧୬ମାସର ଗର୍ଭବତୀ ଥିବା ଜଣାପଡ଼ିଛି। ଆଉ ତିନିମାସରେ ହାତୀଛୁଆ ଜନ୍ମ ନେଇଥାନ୍ତା ବୋଲି ସିଟି ଡିଏଫଓ ସୁଜିତ ଶତପଥୀ ସୂଚନା ଦେଇଛନ୍ତି। ପୋଷ୍ଟମର୍ଟମ ପରେ ହାତୀକୁ ମହାନଦୀ ପଠାରେ ପୋତି ଦିଆଯାଇଛି।

### ଅବହେଳା, ଉତ୍ସାହରୁ ହୀନସ୍ତା

ହାତୀକୁ ଘଉଡାଇବା ପାଇଁ ବନବିଭାଗ ପ୍ରୟାସ ଜାରି ରଖିଥିଲାବେଳେ ହାତୀ ଦେଖିବାକୁ ଜନଗହଳି ଏବଂ ଲୋକଙ୍କ ଉତ୍ସାହକୁ ଅଟକାଇ ପାରି ନ ଥିଲା ପୋଲିସ। ହାତୀ ଦେଖି ଲୋକେ ହୋହଲ୍ଲା କରିବାରୁ ସେ ଦୌଡ଼ିବା ଆରମ୍ଭ କରିଥିଲା। ରାସ୍ତା ଉପରେ ରହିଥିବା ଅନେକ ଗାଡ଼ି ଭାଙ୍ଗିରୁଜି ଦେଇଥିଲା। ନଜରପୁର ବସ୍ତି ଅଞ୍ଚଳର ବୃଦ୍ଧା କମଳା ଫୁଲ ତୋଳିବାକୁ ଯାଇଥିବାବେଳେ ହାତୀ ମୁହଁରେ ପଡ଼ି ଯାଇଥିଲେ। ସେଠାରେ ତାଙ୍କୁ ହାତୀଟି ଦଳି ଦେଇଥିଲା। ହାତୀକୁ ଘଉଡାଇବା ପାଇଁ ଅନେକ ଲୋକ ଉଦ୍ୟମ କରୁଥିବାବେଳେ ସେଠାରେ ଆନନ୍ଦ ବେହେରା ମଧ୍ୟ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଛୁଆ ହାତୀଟି କୌଣସି ଉପଦ୍ରବ କରୁ ନ ଥିବା ବେଳେ ପ୍ରାପ୍ତବୟସ୍କ ହାତୀ ଦ୍ୱାରା ଶିଳ୍ପାଞ୍ଚଳରେ ଅନେକ କ୍ଷୟକ୍ଷତି ହୋଇଥିଲା। ଏହି ହାତୀକୁ ଘଉଡାଇବା ଲାଗି ପୋଲିସ ଏବଂ ବନବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ସେହିପରି ହାତୀ ଦେଖି ସେଲ୍‌ଫି ନେଉଥିବାବେଳେ ଆକ୍ରଣର ଶିକାର ହୋଇ ଗୁରୁତର ଅବସ୍ଥାରେ ଏସସିବିରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବନବିଭାଗ ପକ୍ଷରୁ ସତର୍କତା ବାର୍ତ୍ତା ଦେବାରେ ବିଳମ୍ବ ଏବଂ ଲୋକଙ୍କ ହାତୀ ଦେଖିବାକୁ ଉତ୍ସାହ କାରଣରୁ ହାତୀ ଅଧିକ ଆକ୍ରମଣାତ୍ମକ ହୋଇଯାଇଥିବା ଚର୍ଚ୍ଚା ହେଉଛି।

### ନରହନ୍ତା ଆଜି ଯିବ ଖୁଣ୍ଟୁଣି

ଦିନ ତମାମ ଉତ୍ପାତ ପରେ ଜଗତପୁରସ୍ଥିତ ଇମାମ୍‌ବଜାର ନିକଟ ଜଙ୍ଗଲରେ ଲୁଚି ରହିଥିବା ନରହନ୍ତା ହାତୀକୁ ଟ୍ରାଙ୍କୁଲାଇଜ କରାଯାଇଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଚିକିତ୍ସକ ହାତୀକୁ ୩ଡୋଜ ଟ୍ରାଙ୍କୁଲାଇଜ କରିବା ପରେ ସେ ନିସ୍ତେଜ ହୋଇଯାଇଥିଲା। ପରେ ବନବିଭାଗ କର୍ମଚାରୀମାନେ ହାତୀର ଗୋଡ଼କୁ ବାନ୍ଧି ଦେଇଥିଲେ। ଅଧଘଣ୍ଟା ପରେ ହାତୀଟି ସମ୍ପୂର୍ଣ୍ଣ ଅଚେତ ହୋଇ ପଡ଼ି ଯାଇଥିଲା। ବନ ବିଭାଗର ବିଶେଷଜ୍ଞ ଦଳ ହାତୀକୁ ସାଲାଇନ, ପାଣି ଏବଂ ଔଷଧ ଦେଇଥିଲେ। ତେବେ ବନ ବିଭାଗ ଓ ପୋଲିସ କର୍ମଚାରୀ ହାତୀକୁ ଉଦ୍ଧାର କରି ଜଙ୍ଗଲ ନେବାପାଇଁ ଚେଷ୍ଟା ଚଳାଇଥିଲେ ମଧ୍ୟ ସକ୍ଷମ ହୋଇ ନ ଥିଲେ। ଗୁରୁବାର ହାତୀର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପରେ ଖୁଣ୍ଟୁଣୀ ଜଙ୍ଗଲରେ ଛଡ଼ାଯିବ ବୋଲି ଜଗତପୁର ଆଇଆଇସି ରବୀନ୍ଦ୍ର ନାଥ ମେହେର ସୂଚନା ଦେଇଛନ୍ତି।

## ଚୋରି ସାମଗ୍ରୀ ଜବତ, ୩ ଗିରଫ

କଟକ ଅଫିସ,୨୮।୯

ମୋବାଇଲ ଚୋରି ଘଟଣାରେ କ୍ୟାଣ୍ଟନମେଣ୍ଟ ପୋଲିସ ୩ ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ପଟ୍ଟାପୋଲ ଅଞ୍ଚଳର ସେକ୍ ଅବଦୁଲ ଫକିର, ଭି. ସନ୍ତୋଷ କୁମାର ଓ ସୁତାହାଟ ଅଞ୍ଚଳର ବି. ରବି। ସେମାନଙ୍କଠାରୁ ମୋବାଇଲ୍, ଲାପ୍‌ଟପ୍, ଏଲ୍‌ଇଡି ଟିଭି, ଗ୍ୟାସ୍ ସିଲିଣ୍ଡର, ଇନଭର୍ଟର ବ୍ୟାଟେରି, ବାଇକ୍ ଆଦି ମୋଟ ୨୮ଟି ସାମଗ୍ରୀ ସହ ୨୩୫୦ ଟଙ୍କା ଜବତ କରାଯାଇଛି। ଅଭିଯୋଗ ଅନୁସାରେ, ସୂତାହାଟ ଅଞ୍ଚଳର ବି. ମୁନ୍ନା ଗତ ୨୭ ତାରିଖ ସକାଳେ ଏକ ସାଇକେଲ୍‌ରେ ବାରବାଟୀ ଷ୍ଟାଡିୟମ ଆଡୁ ନାରୀସେବା ସଦନ ରାସ୍ତାରେ ନିଜ ଘରକୁ ଫେରୁଥିଲେ। ଦୁଇ ଜଣ ଅଜଣା ବ୍ୟକ୍ତି ଏକ ବାଇକ୍‌ରେ ଆସି ମୁନ୍ନାଙ୍କ ହାତରୁ ମୋବାଇଲ ଫୋନ୍ ଛଡ଼ାଇ ନେଇ ବକ୍ସିବଜାର ଆଡ଼କୁ ପଳାଇଥିଲେ। ଏ ନେଇ ସେ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ସେକ୍ ଫକୀର କ୍ରମାଗତ ଭାବେ ଅନେକ ମୋବାଇଲ୍, ଲାପ୍‌ଟପ୍, ଏଲ୍‌ଇଡି ଟିଭି, ଗ୍ୟାସ୍ ସିଲିଣ୍ଡର, ଇନଭର୍ଟର ବ୍ୟାଟେରି, ସାଇକେଲ, ବାଇକ ଲୁଟ୍ କରି ଭି. ସନ୍ତୋଷଙ୍କୁ ବିକ୍ରି କରିଛି।

## 'ଭଗତ୍ ସିଂଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ନିଅନ୍ତୁ ଛାତ୍ରୀଛାତ୍ର'

### ଶହୀଦ ଭଗତ୍ ସିଂଙ୍କ ଜୟନ୍ତୀ

କଟକ ଅଫିସ, ୨୮।୯



ଶହୀଦ ଭଗତ୍ ସିଂଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

ଏଆଇଡିଏସ୍‌ଓ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଓ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶହୀଦ ଭଗତ୍ ସିଂଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଏଆଇଡିଏସ୍‌ଓ କଟକ ଜିଲା ସମ୍ପାଦକ ତରୁଣସେନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସମ୍ପ୍ରତି ଜାତି, ଧର୍ମ, ବର୍ଣ୍ଣ ଓ ଆଞ୍ଚଳିକତା ଭିତ୍ତିରେ ଲୋକଙ୍କୁ ଭାଗ କରିବା ପାଇଁ ଉଦ୍ୟମ ହେଉଛି। ମହାମନୀଷୀମାନଙ୍କ ଚରିତ୍ରକୁ କାଳିମାଲିପ୍ତ କରାଯାଉଛି। ସେମାନଙ୍କ ଜୀବନ ସଂଗ୍ରାମକୁ ପାଠ୍ୟକ୍ରମରେ ସ୍ଥାନ ଦେବା ତ ଦୂରର କଥା ବରଂ ସେମାନଙ୍କୁ ସନ୍ତ୍ରାସବାଦୀର ଆଖ୍ୟା ଦିଆଯାଉଛି। ମାନବ ସଭ୍ୟତାର ଶ୍ରେଷ୍ଠ ସନ୍ତାନମାନଙ୍କୁ ଜନମାନସରୁ ପୋଛିଦେବା ପାଇଁ ଉଦ୍ୟମ ହେଉଛି। ଏପରି କି ଭାରତର କୌଣସି ସରକାର ଭଗତ୍ ସିଂଙ୍କ ଜୀବନ ସଂଗ୍ରାମକୁ ଜନସାଧାରଣଙ୍କ ନିକଟକୁ ନେବା ପାଇଁ ପଦକ୍ଷେପ ନେଇନାହାନ୍ତି। ଏଭଳି ପରିସ୍ଥିତିରେ ଛାତ୍ରୀଛାତ୍ରମାନେ ଶହୀଦ ଭଗତ୍ ସିଂଙ୍କ ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ନିଜ ଜୀବନକୁ ଗଢି ତୋଳିବାକୁ ସେ କହିଥିଲେ। ଛାତ୍ରନେତା ସୁବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଶାଙ୍କ ଶେଖର ଭୋଇ, କିଷାନ ମିଶ୍ର, ପ୍ରଭାସିନୀ ଦେହୁରୀ, ଅରୋଶିଖା ଓଝା, ସୌମ୍ୟ ସ୍ୱରୂପ ସେଠୀ, ସ୍ମିତାଞ୍ଜଳି ବସ୍ତିଆ, ଭାଗ୍ୟଶ୍ରୀ ଭୋଇ, ପ୍ରବୀଣ ସାହୁ, ରାକେଶ ମଲ୍ଲିକ, ଆଦ୍ୟାଶା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନବ ବିବାହିତାଙ୍କ ଝୁଲନ୍ତା ମୃତଦେହ ଜବତ

କଟକ ଅଫିସ,୨୮।୯

ବାଦାମବାଡ଼ି ଥାନା ଅଧୀନ ଶଙ୍କରପୁର ଦାସସାହିର ଏକ ଭଡ଼ାଘରୁ ଜଣେ ନବ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମହିଲୋ ଗ୍ରାମର ସୂର୍ଯ୍ୟକାନ୍ତ ଦଳେଇଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ଦାସ(୨୧)। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇ ତଦନ୍ତ ଆରମ୍ଭ କରିଛି। ଯୌତୁକ ଯୋଗୁ ଶୁଭଲକ୍ଷ୍ମୀଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଜଗତ୍‌ସିଂହପୁର ଜିଲା ତରଡ଼ିପଡ଼ାର ପ୍ରଦୀପ କୁମାର ଦାସଙ୍କ ଥାନାରେ ଅଭିଯୋଗ କରିଛନ୍ତି।

### ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ସୂର୍ଯ୍ୟକାନ୍ତଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅଭିଯୋଗ ଅନୁଯାୟୀ, ଶୁଭଲକ୍ଷ୍ମୀ ଓ ସୂର୍ଯ୍ୟକାନ୍ତ ପରସ୍ପରକୁ ଭଲ ପାଇ ୪ ମାସ ହେବ ଘରୁ ପଳାଇ ଆସିଥିଲେ। ପରେ ଉଭୟ ବିବାହ କରି ଏ ସମ୍ପର୍କରେ ଘର ଲୋକଙ୍କୁ ଜଣାଇଥିଲେ। ଉଭୟ ଦାସସାହିରେ ଘର ଭଡା ନେଇ ରହୁଥିଲେ। ସୂର୍ଯ୍ୟକାନ୍ତ ଏକ ଷ୍ଟୁଡିଓରେ କାମ କରନ୍ତି। ଶୁଭଲକ୍ଷ୍ମୀଙ୍କୁ ତାଙ୍କ ଶାଶୁ ୫ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଦାବି କରି ବିଭିନ୍ନ ସମୟରେ ନିର୍ଯାତନା ଦେଉଥିବା ପ୍ରଦୀପ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ରାଜ୍ୟ କଳାକାର ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ

### ବରଗଡ଼ ଜିଲାରେ ଯାତ୍ରା ପରିବେଷଣ ମନା

କଟକ ଅଫିସ,୨୮।୯

ବରଗଡ଼ ଜିଲାରେ ଯାତ୍ରା(ଅପେରା) ପରିବେଷଣ ନିମନ୍ତେ ଅନୁମତି ଦେବାକୁ ନିବେଦନ କରି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ମଙ୍ଗଳବାର ରୁଜୁ ହୋଇଛି। ରାଜ୍ୟ କଳାକାର ମହାସଂଘ ସମ୍ପାଦକ ସମରେନ୍ଦ୍ର କୁମାର ପଣ୍ଡାଙ୍କ ପକ୍ଷରୁ ଆଗତ ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ସଂସ୍କୃତି ବିଭାଗ ସଚିବ, ବରଗଡ଼ ଜିଲାପାଳ ଓ ବରଗଡ଼ ଜିଲା ବାର୍ ଆସୋସିଏଶନ୍ ସମ୍ପାଦକଙ୍କୁ ପକ୍ଷଭୁକ୍ତ କରାଯାଇଛି।

ମାମଲାର ବିବରଣୀରୁ ପ୍ରକାଶ, ଯାତ୍ରା ଓଡ଼ିଶାର ଏକ ପ୍ରାଚୀନ କଳା। ରାଜ୍ୟର ବିଭିନ୍ନ ଯାତ୍ରାପାର୍ଟିରେ ୫୦ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଯାତ୍ରା ପରିବେଷଣ ନିମନ୍ତେ ଯାତ୍ରାପାର୍ଟିଗୁଡ଼ିକ ପଞ୍ଜୀକୃତ ହୋଇଥାନ୍ତି। ଜିଲା ପ୍ରଶାସନ ପକ୍ଷରୁ ଯାତ୍ରା ପରିବେଷଣ ନିମନ୍ତେ ଅନୁମତି ଦିଆଯାଇଥାଏ। ଏପରିସ୍ଥଳେ ୨୦୦୫ରେ ବରଗଡ଼ର ତତ୍କାଳୀନ ଜିଲାପାଳ ବିଭିନ୍ନ ସଙ୍ଗଠନ ଓ ଜିଲା ବାର୍ ଆସୋସିଏଶନର ଚାପରେ ପଡ଼ି ବରଗଡ଼ ଜିଲାରେ ଯାତ୍ରା ପରିବେଷଣ ନିମନ୍ତେ ଅନୁମତି ଦେଲେନାହିଁ। ଯଦ୍ୱାରା ଯାତ୍ରାପାର୍ଟିଗୁଡ଼ିକ ଉକ୍ତ ଜିଲାରେ ଯାତ୍ରା ପରିବେଷଣ କରିପାରିଲେ ନାହିଁ। ଫଳସ୍ୱରୂପ ସାଧାରଣ ଲୋକେ ଯାତ୍ରା ଦେଖିବାରୁ ବଞ୍ଚିତ ହେଲେ। ଅପରପକ୍ଷରେ ଯାତ୍ରା ଦେଖିବାକୁ ଚାହୁଁଥିବା ଲୋକମାନେ ପାର୍ଶ୍ୱବର୍ତ୍ତୀ ଜିଲାକୁ ଯାଇ ଅଧିକ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେଉଛନ୍ତି। ବରଗଡ଼ ଜିଲାରେ କାହିଁକି ଯାତ୍ରା ପରିବେଷଣକୁ ଅନୁମତି ଦିଆଯାଉ ନାହିଁ ସେନେଇ ପ୍ରତିପକ୍ଷମାନଙ୍କୁ ଅଦାଲତ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ। ଯଥେଷ୍ଟ କାରଣ ନ ଥିଲେ ଉକ୍ତ ଜିଲାରେ ଯାତ୍ରା ପରିବେଷଣ ଅନୁମତି ଦିଆଯିବା ନିମନ୍ତେ ଆଦେଶ ଦେବାକୁ ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି।

## ନିଯୁକ୍ତି ଦାବିରେ ଗଣଧାରଣା

### ଆର୍‌ଡିସିଙ୍କୁ ସ୍ମାରକପତ୍ର

କଟକ ଅଫିସ, ୨୮।୯



ଅଖିଳ ଭାରତ ଯୁବ ସଂଘ ଓ ଅଖିଳ ଭାରତ ଛାତ୍ର ସଂଘ ପକ୍ଷରୁ ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ସମାନ ଶିକ୍ଷା ଓ ନିଶ୍ଚିତ ନିଯୁକ୍ତି ଦାବିରେ ଅଖିଳ ଭାରତ ଛାତ୍ର ସଂଘ ଏବଂ ଅଖିଳ ଭାରତ ଯୁବ ସଂଘ ପକ୍ଷରୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଗଣଧାରଣା ଦିଆଯାଇଥିଲା। ଏହାପରେ ସଂଘ ପକ୍ଷରୁ ଆର୍‌ଡିସିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏକ ଦେଶ ଏକ ଶିକ୍ଷା ବ୍ୟବସ୍ଥା, ଜାତୀୟ ଶିକ୍ଷାନୀତି ବାତିଲ, ଛାତ୍ର ସଂସଦ ନିର୍ବାଚନ ସୁନିଶ୍ଚିତ କରିବା, ନିଯୁକ୍ତି ଗ୍ୟାରେଣ୍ଟି, ଠିକା ନିଯୁକ୍ତି ବନ୍ଦ ଓ ସମାନ କାମକୁ ସମାନ ଦରମା ଆଦି ୨୦ ଦଫା ଦାବି ପୂରଣ କରିବାକୁ ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନା ମୁତାବକ, ୨୦ ଦଫା ଦାବି ନେଇ ଅଖିଳ ଭାରତ ଛାତ୍ର ଓ ଯୁବ ସଂଘର କର୍ମକର୍ତ୍ତାମାନେ ବାଦାମବାଡ଼ି ବସ୍‌ଷ୍ଟାଣ୍ଡଠାରୁ ଆର୍‌ଡିସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ଯୁବ ସଂଘ ରାଜ୍ୟ ଉପସଭାପତି ସତ୍ୟ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗଣଧାରଣା ଓ ସମାବେଶ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାବେଶରେ ଅଖିଳ ଭାରତ ଯୁବ ସଂଘ ସଭାପତି ସୁଖବିନ୍ଦର ସିଂ ଓ ରାଜ୍ୟ ସମ୍ପାଦକ ଅବକାଶ ସାହୁ ଯୋଗଦେଇ ଛାତ୍ର ଓ ଯୁବକଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ଏଆଇଏସ୍‌ଏଫ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନା, ଯୁବ ସଂଘ ଉପସଭାପତି ତଥା ଆଇନଜୀବୀ ପରମେଶ୍ୱର ବାରିକ, ଛାତ୍ର ସଂଘ ରାଜ୍ୟ ସମ୍ପାଦକ କାହ୍ନୁ ଚରଣ ପରିଡ଼ା, ସହସମ୍ପାଦକ ଦିନେଶ ରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି, ଜିଲା ସମ୍ପାଦକ ବିନୋଦ ବେହେରା, ଏଆଇଟିୟୁସି ସମ୍ପାଦକ କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମନିର୍ଭରଶୀଳ ହୋଇ ସ୍ୱାଭିମାନର ସହ ବଞ୍ଚିବା ଶିଖ

**ବୋଲଗଡ,(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ବୁଧବାର ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଓ ଏହାର ସମାଧାନ ସମ୍ବନ୍ଧିତ ଏକ ଆଲୋଚନାଚକ୍ର ସଂଘର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ପ୍ରଶାସକ ନବକିଶୋର ପଟ୍ଟନାୟକଙ୍କ ପୌରୋହିତ୍ୟରେ ପ୍ରଫେସର ରବୀନ୍ଦ୍ରନାଥ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇଥିଲେ। ଉପଦେଷ୍ଟା ଶିକ୍ଷାବିତ ହରିବନ୍ଧୁ ସାହୁ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ପ୍ରଧାନ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକମାନେ ଆତ୍ମନିର୍ଭରଶୀଳ ହେବା ସହ ସ୍ୱାଭିମାନର ସହ ବଞ୍ଚି ଶିଖିବା ଉଚିତ ବୋଲି କହିଥିଲେ। ସଭ୍ୟ ଯୋଗୀନ୍ଦ୍ର ବେହେରା, ଶିକ୍ଷକ ଦିବାକର ପରମଗୁରୁ, ଲକ୍ଷ୍ମଣ ପରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗ୍ରୀଲ ତାଡ଼ି ଅଳଙ୍କାର, ଟଙ୍କା ଚୋରି

**ବୋଲଗଡ,୨୮।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳରେ ଦିନକୁ ଦିନ ଚୋରି ବଢ଼ି ଚାଲିଥିବା ବେଳେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରୁନି। ତିନି ଦିନ ତଳେ ଆରିକିମା ଗ୍ରାମରେ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଲୁଟ୍ ହୋଇଥିବା ବେଳେ ପୋଲିସ ଅପରାଧୀର ଟେର ପାଇପାରୁନି। ପୁଣି ବୁଧବାର ସେହିପରି ଭାବେ ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ କୁମ୍ଭାରୀ ଛକରେ ଥିବା ଏକ ଘରେ ଦୁର୍ବୃତ୍ତମାନେ ଘରର ଗ୍ରୀଲ ତାଡି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୫୦ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ ଫତେଗଡ ଗ୍ରାମର ପ୍ରମୋଦ ପାତ୍ର ଓ ତାଙ୍କର ସ୍ତ୍ରୀ ଚନ୍ଦନା ରାଜସୁନାଖଲା କୁମ୍ଭାରୀ ଛକ ମେନରୋଡରେ ଭିଣେଇ ଘରେ ଦୀର୍ଘ ଏକ ବର୍ଷ ଧରି ରହି ଆସୁଥିଲେ। ସ୍ୱାମୀ ଓ ସ୍ତ୍ରୀ ଉଭୟ ଏକ ଦଶାହ କାର୍ଯ୍ୟରେ ଯୋଗ ଦେବା ପାଇଁ ମଙ୍ଗଳବାର ଗାଁକୁ ଯାଇଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଘରର ଗ୍ରୀଲ ତାଡି ପଶି ଆଲମିରା ଭାଙ୍ଗି ଭିତରେ ଥିବା ମଙ୍ଗଳସୂତ୍ର ୧, ଝରା ୩ହଳ, ଶଙ୍ଖା ୧, ମୁଦି ୩ଟି, ଚେନ ୩ଟି ସହ ଅନ୍ୟ ସୁନା ଅଳଙ୍କାର ଓ ୫୦ହଜାର ଟଙ୍କା ଚୋରି କରି ନେଇଛନ୍ତି। ବୁଧବାର ଚନ୍ଦନା ଘରକୁ ଫେରିବା ବେଳେ ଗ୍ରୀଲ ଭଙ୍ଗାଥିବା ବେଳେ ଭିତର ଆଲମିରା ଖୋଲାଥିବା ଦେଖି ଚୋରି ହୋଇଥିବା ଜାଣିଥିଲେ। ଏ ନେଇ ସେ ବାଙ୍କୋଇ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ଫାଣ୍ଡି ଅଧିକାରୀ ଶ୍ରୀନିବାସ ପ୍ରଧାନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ବିଇଓଙ୍କୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଦାବିପତ୍ର

**ଖୋର୍ଦ୍ଧା ଅଫିସ,୨୮।୯:** ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଖୋର୍ଦ୍ଧା ବ୍ଲକ ଶାଖା ପକ୍ଷରୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ନେଇ ବୁଧବାର ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କୁ ଦାବିପତ୍ର ଦିଆଯାଇଛି। ଖୋର୍ଦ୍ଧା ବ୍ଲକରେ କାର୍ଯ୍ୟରତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜିଆଇଏସ୍ ବ୍ଲକ ପ୍ରଦାନ, ଡୁପ୍ଲିକେଟ ସର୍ଭିସ ବୁକ୍, ଡେପୁଟେଶନରେ ଆସିଥିବା ଶିକ୍ଷକଙ୍କୁ ଉକ୍ତ ବିଦ୍ୟାଳୟରେ ନିୟମିତ କରିବା, ଅନଲାଇନ ପୋଟାଲରେ ଅନ୍ୟତ୍ର ବଦଳି ନିମନ୍ତେ ଆବେଦନ କରିଥିବା ଅଧିକାଂଶ ଶିକ୍ଷକଙ୍କ ଆବେଦନକୁ ଖାରଜ କରାଯିବାର କାରଣ ଦର୍ଶାଇବାକୁ ଦାବିପତ୍ରରେ ଦର୍ଶାଯାଇଛି। ଉପରୋକ୍ତ ଦାବି ପୂରଣ ଲାଗି ସଂଘ ଦାବି କରିଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

### ବାଇକ୍ ଜବତ, ୨ ଗିରଫ

**ଯାଁଳା,୨୮।୯(ଡି.ଏନ୍.ଏ.):** ମୋବାଇଲ ଫୋନ ଚୋରି ଅଭିଯୋଗରେ ଇନଫୋସିଭ୍ୟାଲି ଥାନା ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏୟାରଫିଲ୍ଡ ଥାନା ପଞ୍ଚୁପଲ୍ଲି ଗ୍ରାମର ତୋଫାନ ଭାରିମଲ୍ଲ, ଲଳିତେନ୍ଦୁ ବେହେରା। ସେମାନଙ୍କ ନିକଟରୁ ୩ ମୋବାଇଲ ଏବଂ ଗୋଟିଏ ବାଇକ୍ ଜବତ କରିଛି ପୋଲିସ। ଭୁବନେଶ୍ୱର ରେଣ୍ଟାଲ କଲୋନୀର କମଳେଶ ପଟ୍ଟନାୟକ ମଦନପୁରସ୍ଥିତ ଏକ ଘରୋଇ କଲେଜରେ ପଢ଼ନ୍ତି। ଗତ ୨୦ ତାରିଖ ଦିନ କଲେଜ ସାରି କମଳେଶ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏକ ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆସି ତାଙ୍କ ମୋବାଇଲ ଛଡ଼ାଇ ନେଇଯାଇଥିଲେ। କମଳେଶଙ୍କ ମା ନିବୃତ୍ତି ପଟ୍ଟନାୟକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୋବାଇଲ ନମ୍ବର ଟ୍ରାକିଂ କରି ୨ଅଭିଯୁକ୍ତଙ୍କୁ ଠାବ କରିଥିଲେ।

### ଜଳାତଙ୍କ ଦିବସରେ ୧୦୦ କୁକୁରଙ୍କୁ ଟିକା

**ବାଲୁଗାଁ,୨୮।୯(ଡି.ଏନ୍.ଏ.):** ବିଶ୍ୱ ଜଳାତଙ୍କ ଦିବସ ଅବସରରେ ବୁଧବାର ବାଣପୁର ବାଲୁଗାଁ ରୋଟାରୀ କ୍ଲବ୍ ଏବଂ ପ୍ରାଣୀଧନ ବିକାଶ ବିଭାଗର ମିଳିତ ସହଯୋଗକ୍ରମେ ପ୍ରାୟ ଏକ ଶହରୁ ଊର୍ଦ୍ଧ୍ୱ ପୋଷା କୁକୁରଙ୍କୁ ବିନା ମୂଲ୍ୟରେ ଜଳାତଙ୍କ ପ୍ରତିଷେଧକ ଟିକା ପ୍ରଦାନ ସହ କୁକୁର ମାଲିକମାନଙ୍କୁ ବିଭିନ୍ନ ସଚେତନମୂଳକ ପରାମର୍ଶ ଦିଆଯାଇଥିଲା। ବାଲୁଗାଁ ଏବଂ ନାଚୁଣୀ ପ୍ରାଣୀଧନ କାର୍ଯ୍ୟାଳୟରେ ଏହି ଟିକା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଦେବେନ୍ଦ୍ର ସୋଲାଙ୍କୀ, ବାଲୁଗାଁ କେନ୍ଦ୍ର ଚିକିତ୍ସକ ଦେବାଶିଷ ଦାସ, ସହକାରୀ ଚିକିତ୍ସକ ସମାପିକା ମହାପାତ୍ର, ଜିଲା ପ୍ରାଣୀ ମଙ୍ଗଳ ଅଧିକାରୀ ସଞ୍ଜୀବନୀ ପଟେଲ, ରୋଟାରୀ କ୍ଲବ ସଭାପତି ରବି ନାରାୟଣ ପାଲ, ସମ୍ପାଦକ ସୁନୀଲ ପାତ୍ର ସମେତ କ୍ଲବର ସଦସ୍ୟ ବିଜୟ ନନ୍ଦ, ଧୀରେନ୍ଦ୍ରନାଥ ପାତ୍ର ଏବଂ ରବି ନାରାୟଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଶୃଙ୍ଖଳିତ ଦୁର୍ଗାପୂଜା ଉପରେ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୨୮।୯**

ଜଗତ୍‌ଜନନୀ ମା’ ଦୁର୍ଗାଙ୍କ ଆବାହନ ପାଇଁ ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳର ପୂଜା ମଣ୍ଡପରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। କାରିଗରମାନେ ମୂର୍ତ୍ତି ନିର୍ମାଣରେ ନିମଗ୍ନ ରହିଛନ୍ତି। ଖୋର୍ଦ୍ଧା ସହରର ଖୋର୍ଦ୍ଧା କ୍ଲବ, ଇଗଲ କ୍ଲବ, ଗୁରୁଜଙ୍ଗ ମାଲିସାହି ଦୁର୍ଗାମଣ୍ଡପ, ଫାୟାର ଷ୍ଟେଶନ ରୋଡ, କଣ୍ଟାଛକ ସମେତ ୯ଟି ମଣ୍ଡପରେ ମହାଆଡ଼ମ୍ବରରେ ପୂଜା ହୋଇଥାଏ। ଟ୍ରାଫିକ ଛକ, ୪୦୭ ଷ୍ଟାଣ୍ଡଛକ, ମାଛ ମାର୍କେଟ ଛକ ଏବଂ ଦୁଲଣା ସାହିରେ ହରପାର୍ବତୀ ପୂଜା ଆୟୋଜନ ହୋଇଥାଏ। ଷଷ୍ଠୀରେ ପୂଜା ଆରମ୍ଭ ହୋଇ ଦଶମୀରେ ସରିଥାଏ। ଆକର୍ଷଣୀୟ ମୂର୍ତ୍ତି, ସୁଉଚ୍ଚ ତୋରଣ ଏବଂ ରଙ୍ଗିନ ଆଲୋକମାଳାରେ ସଜେଇ ହୋଇଥାଏ ଖୋର୍ଦ୍ଧା ସହର। ମଣ୍ଡପରେ ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଏ।


ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଜଣେ କାରିଗର ଶେଷ ସ୍ପର୍ଶ ଦେଉଛନ୍ତି।

ସେହିପରି ରାବଣ ପୋଡ଼ିର ଆୟୋଜନ ମଧ୍ୟ ହୋଇଥାଏ।

ଚଳିତବର୍ଷ ପୂଜାରେ ଶତାଧିକ ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପୂଜା କମିଟି ଏବଂ ପ୍ରଶାସନ ମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ମୂର୍ତ୍ତି ବିସର୍ଜନ ଲାଗି ପୌର ପ୍ରଶାସନ ପକ୍ଷରୁ ଟିଏଲ୍‌ସି ଖଣି ପୋଖରୀରେ ଅସ୍ଥାୟୀ ପୋଖରୀ ବ୍ୟବସ୍ଥା କରାଯାଇଛି। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି କହିଛନ୍ତି, ପୂଜା କମିଟି ପକ୍ଷରୁ ଆସିଥିବା ପ୍ରସ୍ତାବ ଉପରେ ଗୁରୁତ୍ୱ ଦିଆଯାଉଛି। ସହରର ସ୍ୱଚ୍ଛତା, ରାସ୍ତା ମରାମତି ଲାଗି ପଦକ୍ଷେପ ନିଆଯାଉଛି। ସେହିପରି ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କହିଛନ୍ତି, ପୂଜାମଣ୍ଡପରେ ଯେପରି କୌଣସି ଅଘଟଣ ନ ଉପୁଜିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ରାବଣ ପୋଡ଼ି ଓ ଭସାଣି ଉତ୍ସବ ସ୍ଥାନରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରାଯିବ। ଅସ୍ଥାୟୀ ମେଡିକାଲ କ୍ୟାମ୍ପ, ଆମ୍ବୁଲାନ୍ସ, ପାନୀୟଜଳ ବ୍ୟବସ୍ଥା କରାଯିବ। ନିର୍ଦ୍ଧାରିତ ସମୟରେ ଭସାଣି ସ୍ଥଳରେ ପହଞ୍ଚିବା, ସମୟାନୁବର୍ତ୍ତିତା, ଶୃଙ୍ଖଳିତ ପୂଜାମଣ୍ଡପ, ସାଜସଜ୍ଜା ଓ ଆକର୍ଷଣୀୟ ପ୍ରତିମୂର୍ତ୍ତି ପ୍ରଭୃତିକୁ ଦୃଷ୍ଟିରେ ରଖି ପୂଜା କମିଟିକୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯିବ। ଶୃଙ୍ଖଳିତ ପୂଜା ଆୟୋଜନ ଲାଗି କମିଟିମାନଙ୍କୁ ପରାମର୍ଶ ଦିଆଯାଇଛି।

# ମା’ ବନଦୁର୍ଗା ଓ ଉଗ୍ରତାରାଙ୍କ ଚନ୍ଦ୍ରଘଣ୍ଟା ବେଶ





**ନିରାକାରପୁର,୨୮।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଅନ୍ତର୍ଗତ ମା’ ବନଦୁର୍ଗାଙ୍କ ପୀଠାରେ ଶାରଦୀୟ ଷୋଡଶ ଦିନାତ୍ମକ ପୂଜାର ଦ୍ୱାଦଶ ଦିବସ ଓ ନବରାତ୍ରର ତୃତୀୟ ଦିବସରେ ମା’ ବନଦୁର୍ଗା ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ବୁଧବାର ସକାଳୁ ମା’ଙ୍କର ମଙ୍ଗଳ ଆଳତି, କଳସ ପୂଜା, ପାସୁ ଭୋଗ, ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତସତି ଚଣ୍ଡିପାଠ, ସନ୍ଧ୍ୟା ବାଲଭୋଗ, ଆଳତି ପୁଷ୍ପାଞ୍ଜଳି, ଅଧରପଣା ଓ ମହାପ୍ରସାଦ ଅର୍ପଣ ପୂର୍ବକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ନୂଆଗଡ଼ ପଞ୍ଚାୟତ ମୁଳିଝର ଗଡଠାରେ ଥିବା ଓଡ଼ିଶା ପ୍ରସିଦ୍ଧ ମା’ ଉଗ୍ରତାରାଙ୍କ ପୀଠରେ ଶାରଦୀୟ ଷୋଡ଼ଶ ପୂଜାର ତୃତୀୟ ଦିବାସରେ ଭକ୍ତମାନଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି। ମା’ଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଶତାଧିକ ଭକ୍ତ ସମାଗମ ହୋଇଥିଲା।

# ଏବିଇଓ, ୨ ସିଆର୍‌ସିସିଙ୍କୁ ୬ ଘଣ୍ଟା ଅଟକ


ବୋଡଙ୍ଗରା ସରକାରୀ ପ୍ରାଥମିକ ବିଦ୍ୟାଳୟ ଫାଟକରେ ତାଲା ପଡିଥିବାରୁ ବୁଧବାର ଏବିଇଓ ଓ ଅଧିକାରୀମାନେ ବାହାରେ ଅପେକ୍ଷା କରିଛନ୍ତି।

**ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେବା ଘଟଣା**
- ପରୀକ୍ଷାରୁ ବଞ୍ଚିତ ହେଲେ ଛାତ୍ରୀଛାତ୍ର
- ବିଇଓଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ଧାରଣା ପ୍ରତ୍ୟାହୃତ

**ନିରାକାରପୁର,୨୮।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ବଡ଼ପୋଖରିଆ ପଞ୍ଚାୟତ ବୋଡଙ୍ଗରାପାଟଣାରେ ଥିବା ବୋଡଙ୍ଗରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାରଠାରୁ ଧାରଣା ଦିଆଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସ୍କୁଲ ଚାର୍ଜ ଦେବା ଏବଂ ସ୍କୁଲରେ ପୂର୍ବରୁ ଥିବା ପ୍ରଧାନ ଶିକ୍ଷକ କିଶୋର କୁମାର ଦାସଙ୍କୁ ଫେରାଇ ଆଣିବା ଦାବିନେଇ ସ୍କୁଲ ମୁଖ୍ୟ ଫାଟକରେ ତାଲା ପକାଇ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଧାରଣା ଦେଇଥିଲେ। ଧାରଣା ଯୋଗୁ ଛାତ୍ରୀଛାତ୍ରମାନେ ବୁଧବାର ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଖବରପାଇ ବୁଧବାର ଟାଙ୍ଗୀ ଏବିଇଓ ସାବିତ୍ରୀ ସାହୁ ଓ ଦୁଇଜଣ ସିଆର୍‌ସିସି ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଉତ୍ୟକ୍ତ ଧାରଣାକାରୀମାନେ ନ୍ୟାୟ ଦାବିରେ ଉକ୍ତ ଅଧିକରୀମାନଙ୍କୁ ପୂର୍ବାହ୍ନ ୧୧ରୁ ଅପରାହ୍ନ ୪ଟା ୫୦ ପର୍ଯ୍ୟନ୍ତ ଅଟକାଇ ରଖିଥିଲେ। ପରେ ନିରାକାରପୁର ଥାନା ଅଧିକାରିଣୀ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଶେଷରେ ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ ପକ୍ଷରୁ ହ୍ୱାଟ୍ସଆପ୍ ମାଧ୍ୟମରେ ଏକ ଲିଖିତ ପ୍ରତିଶ୍ରୁତି ଅଟକ ଥିବା ଏବିଇଓ ଜରିଆରେ ଆନ୍ଦୋଳନକାରୀମାନେ ପାଇବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୯୬ଜଣ ଛାତୀଛାତ୍ର ଅଧ୍ୟୟନ କରୁଛନ୍ତି। ଏଥିପାଇଁ ୫ଜଣ ଶିକ୍ଷକ ନିୟୋଜିତ ଅଛନ୍ତି। ତେବେ ଚଳିତବର୍ଷ ମେ ୭ରେ ମଧ୍ୟାହ୍ନ ଭୋଜନରେ ବାସୀ ଖାଦ୍ୟ ଖାଇ ୬ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡିଥିଲେ। ଏହି ଘଟଣା ନେଇ ଉକ୍ତ ସମୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ଆଉ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିୟୋଜିତ କରାଯାଇଛି। ହେଲେ ଏବେ ଯାଏଁ ତାଙ୍କୁ ସ୍କୁଲର ଚାର୍ଜ ଦିଆଯାଇ ନାହିଁ। ଫଳରେ ସ୍କୁଲର କୌଣସି ପ୍ରକାର ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ଏ ନେଇ ବାରମ୍ବାର ଉଚ୍ଚ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେମାନେ କୌଣସି କର୍ଣ୍ଣପାତ ନ କରିବା ଯୋଗୁ ମଙ୍ଗଳବାରକୁ ମିଶାଇ ଦୁଇଥର ସ୍କୁଲ ଫାଟକକୁ ତାଲା ପକାଇ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଧାରଣା ଦେଇଥିଲେ। ଏ ସମ୍ପର୍କରେ ଏବିଇଓ ସାବିତ୍ରୀ ସାହୁଙ୍କୁ ପଚାରିବାରେ ଧାରଣା ଖବରପାଇ ଘଟଣାସ୍ଥଳରେ ଆମେ ପହଞ୍ଚିଥିଲୁ। କିନ୍ତୁ ଧାରଣାକାରୀମାନେ କିଛି ନ ଶୁଣି ଆମକୁ ଖରାରେ ଦିନତମାମ ଠିଆ କରିଥିଲେ ଏବଂ ଲିଖିତ ପ୍ରତିଶ୍ରୁତି ପାଇବା ପରେ ଛାଡିଥିଲେ। ବୁଧବାରଠାରୁ ସ୍କୁଲ ଖୋଲିବ ଏବଂ ପିଲାଙ୍କର ପରୀକ୍ଷା ହେବ ବୋଲି ସେ ପ୍ରକାଶ କରିଛନ୍ତି।

# ଜିଲା ଛାତ୍ର ବିଜେଡି କ୍ୟାମ୍ପସ୍ କମିଟି ଗଠିତ

**ଖୋର୍ଦ୍ଧା ଅଫିସ,୨୮।୯**

ଖୋର୍ଦ୍ଧା ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାମ୍ପସ କମିଟି ଗଠନ କରାଯାଇଛି। ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ, ମହାବିଦ୍ୟାଳୟର ଉନ୍ନତି ଓ ପ୍ରଗତି, ଛାତ୍ର ସଙ୍ଗଠନକୁ ସୁଦୃଢ଼ ଦିଗରେ ଏହି କମିଟି କାର୍ଯ୍ୟ କରିବ। ୱାଜିଦା ଯାସ୍ମିନ କ୍ୟାମ୍ପସ କମିଟିର ଆବାହକ ରହିଛନ୍ତି। ରୁଦ୍ରାଂଶ ମାନ୍ଧାତା, ଲିପିକା ଅଞ୍ଜଳି ଜେନା ସହ ଆବାହକ, କ୍ରୀଡ଼ା ପ୍ରତିନିଧି ଭାବେ ତୋଫାନ ସାହୁ, ମାମାଲି ପାତ୍ର, ଆୟା ଖାନ୍, ପୂର୍ଣ୍ଣରାଣୀ ବେଉରା ଏବଂ ସାଂସ୍କୃତିକ ପ୍ରତିନିଧି ଭାବେ ସମ୍ବିତ ସାହୁ, ତାନିଶା ଦାସ ମହାପାତ୍ର, ସ୍ନେହଲତା ମୁର୍ମୁ ଏବଂ ବିଶ୍ୱରଞ୍ଜନ ପ୍ରଧାନ ମନୋନୀତ ହୋଇଛନ୍ତି। ସାମାଜିକ କାର୍ଯ୍ୟ ପ୍ରତିନିଧି ଭାବେ ଶୁଭମ ପ୍ରସାଦ ମହାପାତ୍ର, ସତ୍ୟଜିତ ରାଉତ, ପୂର୍ଣ୍ଣିମା ରାଉତରାୟ ଓ ସ୍ୱପ୍ନା ନାୟକ, ହେଲ୍ପଡେସ୍କ ପ୍ରତିନିଧି ଭାବେ ବିଶ୍ୱରଞ୍ଜନ ରାଉତରାୟ, ଅଲତାଫ୍ ଖାନ୍, ବିଷ୍ଣୁପ୍ରିୟା ବରାଳ, ସୌମ୍ୟା ଶୁଭଦର୍ଶିନୀ କର, ହଷ୍ଟେଲ କନଭେନର ଭାବେ ନବାଗତା ମହାପାତ୍ର, ଡେ ସ୍କଲାର ସୋସାଇଟି ନିମନ୍ତେ ବିଦ୍ୟୁଲତା ସାହୁ ଓ ବିରେନ୍ଦ୍ର କିଶୋର କଳସ, ସାମାଜିକ ଗଣମାଧ୍ୟମ ଦାୟିତ୍ୱରେ ଅଭିଷେକ ପ୍ରଧାନ, ସରିତା ପ୍ରଧାନ, ବିଷ୍ଣୁପ୍ରିୟା ପାଲଟାସିଂହ ଓ ଆଖାରୁଦ୍ଦିନ ଶାହାଙ୍କ ନାମ ଘୋଷଣା କରାଯାଇଛି। ନୂତନ କ୍ୟାମ୍ପସ କମିଟିର କର୍ମକର୍ତ୍ତାମାନେ ବାଇକ ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟାଳୟ ଯାଇ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କୁ ଭେଟିଥିଲେ।

# ପୀରବାବାଙ୍କୁ ହିନ୍ଦୁ, ମୁସଲମାନ ଏକାଠି ପୂଜିଲେ

**ବୋଲଗଡ଼,୨୮।୯(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ କଳାଙ୍ଗ ଗ୍ରାମରେ ଥିବା ପ୍ରସିଦ୍ଧ ପୀର ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୁସଲମାନଙ୍କ ରୀତି ନୀତି ବିଧି ଅନୁସାରେ ଚାଦର ଶୋଭାଯାତ୍ରା, ଅତର ଲାଗି, ଧୂପ ପ୍ରଦାନ ଓ ଚାଦର ଲାଗି ଆଦି କାର୍ଯ୍ୟ ସମ୍ପାଦନ କରିଥିଲେ। ଅନୁରୂପ ଭାବେ ହିନ୍ଦୁ ଧର୍ମର ଶ୍ରଦ୍ଧାଳୁ ଭକ୍ତମାନେ କ୍ଷୀର ଲାଗି, ପୁଷ୍ପାଞ୍ଜଳି ପ୍ରଦାନ, ଧୂପ ଦୀପ ଦେଇ ବନ୍ଦାପନା ଆଦି କାର୍ଯ୍ୟ ସମ୍ପାଦନ କରିଥିଲେ। ବିଭିନ୍ନ ଅଞ୍ଚଳର ମାନସିକଧାରୀମାନେ ଏହି ଅବସରରେ ଯୋଗଦେଇ ପୀରବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ପୀଠରେ ଉଭୟ ହିନ୍ଦୁ, ମୁସଲମାନ ଏକାଠି ହୋଇ ପୂଜା କରୁଥିବାର ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମକୁ କଳାଙ୍ଗ ଓ ମଣିକାଗୋଡ଼ ଗ୍ରାମବାସୀ ମିଳିମିଶି ଆୟୋଜନ ଓ ପରିଚାଳନା କରିଥିଲେ। ପ୍ରଭାତ ସ୍ୱାଇଁ, ଅସଲାମ ଖାଁ ଓ କାଜିର ଖାଁ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ଅତ୍ରି, ମଣ୍ଡନଗିରି ପର୍ବତର ବିକାଶ ହେବ

**ବେଗୁନିଆ ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ**

**ଖୋର୍ଦ୍ଧା ଅଫିସ,୨୮।୯**

ବେଗୁନିଆ ନିର୍ବାଚନମଣ୍ଡଳୀର ଉନ୍ନୟନ କମିଟି ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସେ ବେଗୁନିଆ ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିବା ସହ ନିର୍ମାଣାଧୀନ ପ୍ରକଳ୍ପ ତ୍ୱରାନ୍ୱିତ ଲାଗି ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଯୋଜନାକୁ ଲୋକାଭିମୁଖୀ କରିବା ସହ ତା’ର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ, ଜଳଯୋଗାଣ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଖେଳପଡ଼ିଆର ଉନ୍ନତୀକରଣ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଅତ୍ରି ଉଷ୍ମପ୍ରସ୍ରବଣ, ମଣ୍ଡନଗିରି ପର୍ବତର ଉନ୍ନତୀକରଣ କରାଯିବ ବୋଲି ବିଧାୟକ କହିଥିଲେ। ସମାଜ ଆଢୁଆଳରେ ରହିଯାଇଥିବା ପର୍ଯ୍ୟଟନସ୍ଥଳୀର ବିକାଶ ସହ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ଲାଗି ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସରକାରୀ ଯୋଜନା ଲୋକଙ୍କ ନିକଟରେ କିପରି ପହଞ୍ଚିବ, ଏଥିପ୍ରତି ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଜନତା ଓ ପ୍ରଶାସନ ମଧ୍ୟରେ ସୁସମ୍ପର୍କ ରହିଲେ ଯୋଜନା ଫଳପ୍ରଦ ହେବ ବୋଲି ବିଧାୟକ ସାହୁ କହିଥିଲେ। ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଦିଗନ୍ତ ରାଉତରାୟ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ବେଗୁନିଆ ବ୍ଲକ୍ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବୋଲଗଡ଼ ବ୍ଲକ୍ ଅଧ୍ୟକ୍ଷା ହୁଲାସ ପ୍ରଧାନ, ୬ଟି ଜୋନ୍‌ର ଜିଲାପରିଷଦ ସଭ୍ୟ, ବହୁ ନେତା ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସହରରୁ ବର୍ଷାଜଳ ନିଷ୍କାସନ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତ

**ଜଟଣୀ,୨୮।୯(ଡି.ଏନ୍.ଏ.)**

ଜଟଣୀ ପୌର ପରିଷଦ ପକ୍ଷରୁ ଜଟଣୀ ସହରରୁ ବର୍ଷା ଏବଂ ଡ୍ରେନ ପାଣି ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ କରାଯାଇଛି। ସହରରେ ଅଦିନିଆ ବର୍ଷା ଏବଂ ବିଭିନ୍ନ ସ୍ରୋତରୁ ସହରରେ ରହିଥିବା ବିଭିନ୍ନ ଡ୍ରେନରେ ଦୀର୍ଘଦିନ ପାଣି ଜମା ହୋଇ ରହିବା ଯୋଗୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇ ଆସୁଥିଲେ। ସହର ବା ପୌରାଞ୍ଚଳର ବିଭିନ୍ନ ୱାର୍ଡର ସାହି ବସ୍ତିରେ ଡ୍ରେନେଜ ବ୍ୟବସ୍ଥା ଥିଲେ ମଧ୍ୟ ଉପଯୁକ୍ତ ମାଷ୍ଟରପ୍ଲାନ ନ ଥିବାରୁ ବର୍ଷା ଏବଂ ଡ୍ରେନ ପାଣି ଠିକ୍ ରୂପେ ନିଷ୍କାସନ ହୋଇପାରୁ ନାହିଁ। ଏ ନେଇ ସାଧାରଣରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଥିପ୍ରତି ଧ୍ୟାନ ଦିଆଯାଉ ନ ଥିଲା। ତେବେ ସହରବାସୀଙ୍କ ଅସୁବିଧା ଦୂରକରିବା ସହିତ ଉପଯୁକ୍ତ ଜଳ ନିଷ୍କସନ ପାଇଁ ବୁଧବାର ପୌରପରିଷଦର ଅଧିକାରୀମାନେ ବିଭିନ୍ନ ୱାର୍ଡ ପରିଦର୍ଶନ କରି ମାଷ୍ଟରପ୍ଲାନର କାର୍ଯ୍ୟ ଆରମ୍ଭ କରିଛନ୍ତି। ସୂଚନା ମୁତାବକ, ଚଳିତ ପୌର ନିର୍ବାଚନ ପରେ ନୂତନ ଭାବେ ଗଠିତ ପୌର ପରିଷଦର ପ୍ରଥମ ବୈଠକରେ ଉକ୍ତ ବର୍ଷା ଏବଂ ଡ୍ରେନ ପାଣି ସହରରୁ ନିଷ୍କାସନ ପାଇଁ ଏକ ମାଷ୍ଟରପ୍ଲାନ କରି ସମସ୍ୟାର ସମାଧାନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିବା ପୋରାଧକ୍ଷ ଅନନ୍ତ ବେହେରା କହିଛନ୍ତି। ପୌରାଞ୍ଚଳରେ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସରକାର ପୌର ପରିଷଦକୁ ଏକ କୋଟି ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିବା ବେଳେ ଏକ କିଲୋମିଟର ସ୍ୱେରେଜ ଏବଂ ଡ୍ରେନେଜ ପାଇଁ ୫୭ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଥିବା ପୌରାଧକ୍ଷ ସୂଚନା ପ୍ରଦାନ କରିଛନ୍ତି। ଏହି ସ୍ୱେରେଜ ଏବଂ ଡ୍ରେନେଜ ବ୍ୟବସ୍ଥା ମାଷ୍ଟରପ୍ଲାନ ନିର୍ମାଣକାରୀ ଥ୍ରୀଡି ଭିଜନ କମ୍ପାନୀର ଆର୍କିଟେକ ସ୍ମୃତି ସ୍ନିଗ୍ଧା ସାହାଣୀଙ୍କ ମୁତାବକ ପୌରାଞ୍ଚଳର ସମସ୍ତ ୱାର୍ଡର ସର୍ଭେ ଏବଂ ମାଷ୍ଟର ପ୍ଲାନ ଓ ଡିପିଆର ପ୍ରଦାନ କରିବା ପରେ ପୌର ପରିଷଦ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇପାରିବ। ପରେ ପୂଜାକାର୍ଯ୍ୟ ହେବା ପରେ ସର୍ଭେ କାର୍ଯ୍ୟ ହୋଇଥିଲା। ଏଥିରେ ପୋରାଧକ୍ଷ ଅନନ୍ତ ବେହେରା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ପୌର ଯନ୍ତ୍ରୀ ଅନୁରାଧା ପ୍ରଧାନ, ସହାୟକ ଯନ୍ତ୍ରୀ ଦୀପକ ରଥ, କନିଷ୍ଠ ଯନ୍ତ୍ରୀ ଆଲୋକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।


ବର୍ଷା ଜଳ ନିଷ୍କାସନ ପାଇଁ ମାଷ୍ଟରପ୍ଲାନ୍‌ର ସର୍ଭେ କରାଯାଉଛି।

# ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ, ସଂଘର୍ଷ ପ୍ରଦର୍ଶିତ


ବାଲୁଗାଁରେ ଅହିଂସା ରଥକୁ ସ୍ୱାଗତ ଅବସରରେ ଅନୁଷ୍ଠିତ ସଭାକୁ ଜିଲାପାଳ ଶୁଭାରମ୍ଭ କରୁଛନ୍ତି।


ଜଟଣୀ ପୌର ପରିଷଦ ପକ୍ଷରୁ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

**ବାଲୁଗାଁ, ବାଣପୁର, ଜଟଣୀରେ ଅହିଂସା ରଥକୁ ସ୍ୱାଗତ**

**ବାଲୁଗାଁ/ବାଣପୁର/ଜଟଣୀ, ୨୮।୯(ଡି.ଏନ୍.ଏ.)**

ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଅଗଷ୍ଟ ୧୫ରୁ ଅହିଂସା ରଥ ରାଜ୍ୟ ବ୍ୟାପୀ ପରିକ୍ରମା କରୁଥିବା ବେଳେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିବସରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ରଥଟି ଗଞ୍ଜାମ ଜିଲା ପରିକ୍ରମା କରିବା ପରେ ବୁଧବାର ସକାଳେ ସୀମା ସଂଲଗ୍ନ ଖୋର୍ଦ୍ଧା ଜିଲାକୁ ପ୍ରବେଶ କରିଥିଲା। ରଥକୁ ସ୍ୱାଗତ ଜଣାଇବା ପାଇଁ ଜିଲା ପ୍ରଶାସନ ଓ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ବାଲୁଗାଁ ଚିଲିକା କୂଳଠାରେ ଏହି ରଥକୁ ଖୋର୍ଦ୍ଧା ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ମହିଳା ମିଶନ ଶକ୍ତି ଗ୍ରୁପର ସଦସ୍ୟ, ଏନ୍‌ସିସି, ସ୍କାଉଟ, ରେଡ୍‌କ୍ରସ୍, ଅଙ୍ଗନୱାଡ଼ି, ଆଶାକର୍ମୀ. ଆଞ୍ଚଳିକ ସଙ୍କୀର୍ତ୍ତନ ମଣ୍ଡଳୀ ଏବଂ କୁନି ପିଲାମାନେ ସାମିଲ ହୋଇଥିଲେ। ରଥ ସମ୍ମୁଖରେ ଚିତା ଓ ଝୋଟି ଦେଇ ଏବଂ ସଙ୍କୀର୍ତ୍ତନ ସହ ସ୍ୱାଗତ ଜଣାଇ ୭୫ମିଟର ଲମ୍ବ ବିଶିଷ୍ଟ ଜାତୀୟ ପତାକାକୁ ଶୋଭାଯାତ୍ରାରେ ନିଆଯାଇ ବାଲୁଗାଁ ପରିକ୍ରମା କରି ବଜାରସ୍ଥିତ ଗାନ୍ଧୀ ଛକରେ ପହଞ୍ଚିଥିଲା। ରଥରେ ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଓ ସେମାନଙ୍କ ସଂଘର୍ଷ କାହାଣୀ ପ୍ରଦର୍ଶନ କରାଯାଇଥିଲା। ପରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ରଥ ବାଲୁଗାଁ ଉଚ୍ଚ ବିଦ୍ୟାଳୟ ଅଭିମୁଖେ ଯାଇଥିଲା। ସେଠାରେ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ପରେ ବାଣପୁର ଅଭିମୁଖେ ଯାତ୍ରା କରିଥିଲା। ବାଲୁଗାଁରେ ସ୍ୱାଗତ କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ସୁକାନ୍ତୀ ପାଇକରାୟ, କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ୱପ୍ନାରାଣୀ ପାଢ଼ୀ, ସମସ୍ତ କାଉନସିଲର ବୃନ୍ଦ, ଏମ୍‌ପି ପ୍ରତିନିଧି ଅକ୍ଷୟ ରଣସିଂହ, ବିଧାୟକ ପ୍ରତିନିଧି ପ୍ରକାଶ କୁମାର ପ୍ରଧାନଙ୍କ ସମେତ ଅଞ୍ଚଳର ବହୁ ନେତୃବୃନ୍ଦ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ। ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ୍ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

ବାଣପୁର ବିଜ୍ଞାପିତ ଅଞ୍ଚଳ ଓ ପଞ୍ଚାୟତ ସମିତି ପକ୍ଷରୁ ଅହଂସା ରଥକୁ ସ୍ୱାଗତ ଜଣା ଯାଇଥିଲା। ଏହି ଅବସରରେ ୭୫ମିଟର ଲମ୍ବ ବିଶିଷ୍ଟ ଜାତୀୟ ପତାକାକୁ ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ଏ ନେଇ ନନ୍ଦପୁର ପଞ୍ଚାୟତ ଅଲାଇଡିହ ସ୍କୁଲ ପରିସର ଓ ବାଣପୁର ରଘୁନାଥପୁର ଛକରେ ଏକ ସଭାକାର୍ଯ୍ୟ ଆୟୋଜନ କରାଯାଇଥିବା ବେଳେ ବାଣପୁର ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଷ ମହାନ୍ତି ଉପସ୍ଥିତ ଥିଲେ। ଏହାପରେ ଅହିଂସା ରଥ ଜଟଣୀ ଯାଇଥିବାବେଳେ ପୌରପରିଷଦ ପକ୍ଷରୁ ନାଇଜର ଛକଠାରୁ ସ୍ୱାଗତ କରାଯାଇଥିଲା। ରଥକୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପୌରାଧ୍ୟକ୍ଷ ଅନନ୍ତ ବେହେରା, ଦିଲୀପ ମାର୍ଥା ଏବଂ ପି. ରଜ କୁମାରୀଙ୍କ ସହିତ ବହୁ ପୌର କର୍ମଚାରୀ ଯୋଗଦେଇ ଥିଲେ। ପ୍ରାଣନାଥ ହାଇସ୍କୁଲ, ଏନଡିଆରସି ଏବଂ ବାଳିକା ହାଇସ୍କୁଲ ପକ୍ଷରୁ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଶିକ୍ଷୟତ୍ରୀ ଶିକ୍ଷକ ଉକ୍ତ ରଥକୁ ସ୍ୱାଗତ କରିଥିଲେ।

## ତାରିଣୀ ମନ୍ଦିରରୁ ଚୋରି ଘଟଣାରେ ୩ ଗିରଫ

ସାଲେପୁର,(ଡି.ଏନ୍.ଏ.): ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଧୀନ ଏଲମାପୁର ତାରିଣୀ ମନ୍ଦିର ଚୋରି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଚୋରି ସାମଗ୍ରୀ ଜବତ କରିଛି। ଗତ ଜୁଲାଇ ୧୪ ରାତିରେ ମନ୍ଦିରରୁ ଘଣ୍ଟ ଓ ବହୁ ଆସବାବପତ୍ର ଚୋରି ହୋଇଥିବା ସାଲେପୁର ଥାନାରେ ୨୨୧/୨୦୨୨ରେ ମାମଲା ରୁଜୁ ହୋଇଥିଲା। ଜପକୁଦ ଫାଣ୍ଡି ଅଧିକାରୀ ମାନସ ମିଶ୍ର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବୁଧବାର ଲେଖନପୁର ଗ୍ରାମର ତ୍ରୈଲୋକ୍ୟ ନାଥ ଦାସ, ପିଣ୍ଟୁ ମଲ୍ଲିକ ଏବଂ ନରଦା ଗ୍ରାମର ଚନ୍ଦ୍ରମଣି ବେହେରାକୁ ଗିରଫ କରିଛନ୍ତି।

## ସଂକ୍ଷେପରେ

### ମହାନଦୀରୁ ୨ କୁମ୍ଭୀର ଉଦ୍ଧାର

ଖୁଣ୍ଟୁଣୀ/ବଡ଼ମ୍ବା,୨୮।୯(ଡି.ଏନ.ଏ): ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କଖଡ଼ି ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମ ନିକଟ ମହାନଦୀରୁ ବୁଧବାର ଏକ ଥଣ୍ଟିଆ କୁମ୍ଭୀର ଛୁଆ ଉଦ୍ଧାର କରାଯାଇଛି। ମାଛ ଧରିବାକୁ ଯାଇଥିବା କୁଳମଣି ମାଝୀଙ୍କ ଜାଲରେ କୁମ୍ଭୀରଟି ପଡି ଯାଇଥିଲା। ଖବରପାଇ ନିଧିପୁର ବିଟ୍ ଫରେଷ୍ଟର ଦିବ୍ୟସିଂହ ପରିଡା ପହଞ୍ଚି କୁମ୍ଭୀରଟିକୁ ଉଦ୍ଧାର କରିବା ପରେ ନନ୍ଦନକାନନରେ ଛାଡ଼ିଥିଲେ। କୁମ୍ଭୀରର ଲମ୍ବ ୪ ଫୁଟ ବୋଲି ବନବିଭାଗ କହିଛି। ସେହିପରି ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ନିକଟସ୍ଥ ମହାନଦୀ ଘାଟରୁ ବୁଧବାର ଏକ ଥଣ୍ଟିଆ କୁମ୍ଭୀର ଉଦ୍ଧାର ହୋଇଛି। ଗୋପୀନାଥପୁର ଗ୍ରାମର ଜଣେ ଧୀବର ମାଛ ଧରୁଥିବା ବେଳେ ତାଙ୍କ ଜାଲରେ କୁମ୍ଭୀରଟି ଲାଗିଥିଲା। ତା'ର ଲମ୍ବ ପ୍ରାୟ ୨ ଫୁଟ ହେବ। ବଡ଼ମ୍ବା ବନ ବିଭାଗ କର୍ମଚାରୀ ପହଞ୍ଚି କୁମ୍ଭୀରକୁ ନେଇଯାଇଛନ୍ତି।

### ବାର୍‌ହା ଆକ୍ରମଣରେ ଚାଷୀ ଆହତ

ବାଙ୍କୀ,୨୮।୯ (ସ୍ୱ.ପ୍ର): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୧୪ନମ୍ବର ୱାର୍ଡର ଚାଷୀ ସୁକାନ୍ତ ନାୟକ (୪୮) ବାର୍‌ହା ଆକ୍ରମଣରେ ଆହତ ହୋଇଛନ୍ତି। ବୁଧବାର ଅପରାହ୍ନରେ ବିଲକୁ ଯାଇଥିବା ବେଳେ ବାର୍‌ହା ତାଙ୍କୁ ଆକ୍ରମଣ କରିଥିଲା। ସେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି।

### ବାସୁଦେବ ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ବାଙ୍କୀ,୨୮।୯ (ସ୍ୱ.ପ୍ର): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଚକାପଦା ଗ୍ରାମର କୃଷକ ସ୍ୱର୍ଗତ ବାସୁଦେବ ସାମଲଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ବୁଧବାର ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସାମଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମରଣିକା 'ମାଟିର ମଣିଷ' ଉନ୍ମୋଚିତ ହୋଇଥିଲା। ବାଙ୍କୀ ଅଞ୍ଚଳର ୧୨ଜଣ କୃଷକଙ୍କୁ 'ବାସୁଦେବ ସାମଲ କୃଷକ ସମ୍ମାନ' ପ୍ରଦାନ କରାଯାଇଥିଲା। କୁମାର ଅମୀୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମି ପୁରସ୍କାର ପ୍ରାପ୍ତ ଗାଳ୍ପିକ ନକୁଳ ସାହୁ, ସମ୍ମାନିତ ଅତିଥି ଭାବେ ଅଦୈତ୍ୟ ଫାଉଣ୍ଡେସନର ମହାସଚିବ ନଳିନୀ ରାୟ, ଜିଲା ପରିଷଦ ସଦସ୍ୟା ମିନତୀ ମହାପାତ୍ର, ବରିଷ୍ଠ କବି କୌଶିକ ନାୟକ, ଶିକ୍ଷାବିତ କାହ୍ନୁଚରଣ ସାହୁ, ସମାଜସେବୀ କେଶବ ଚନ୍ଦ୍ର ବେହେରା, ବାଙ୍କୀ କଲେଜ ଉପାଧ୍ୟକ୍ଷ ମନୋଜ ମହାପାତ୍ର, ମାୟାଧର ସାମଲ, ଶିକ୍ଷାବିତ ମନୋଜ ରାଉତ ପ୍ରମୁଖ ଯୋଗ ଦେଇଥିଲେ। କବି ବଂଶୀଧର ମହାପାତ୍ର ସଭା ପରିଚାଳନା କରିଥିଲେ। ସ୍ୱର୍ଗତ ସାମଲଙ୍କ ଜ୍ୟେଷ୍ଠପୁତ୍ର ଅକ୍ଷୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଧାନୀ ଆସି ପ୍ରତିବାଦ ଜଣାଇଲେ

- ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋରଧରିଲା
- ପୋଲିସ -ଆଇନଜୀବୀଙ୍କ ମଧ୍ୟରେ ଧସ୍ତାଧସ୍ତି

ଭୁବନେଶ୍ୱର,୨୮।୯(ବ୍ୟୁରୋ)



ପଶ୍ଚିମ ଓଡ଼ିଶାରୁ ଆସିଥିବା ଶତାଧିକ ଆଇନଜୀବୀ ରାଜଧାନୀରେ ବିକ୍ଷୋଭ କରୁଛନ୍ତି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋର ଧରିଛି। ବୁଧବାର ପଶ୍ଚିମ ଓଡ଼ିଶାର ଶତାଧିକ ଆଇନଜୀବୀ ରାଜଧାନୀ ରାସ୍ତାରେ ଗର୍ଜିଛନ୍ତି। ମାଷ୍ଟରକ୍ୟାଣ୍ଟିନଛକରୁ ଏକ ଶୋଭାଯାତ୍ରା ବିଧାନସଭା ଆଡ଼କୁ ଯିବାବେଳେ ପୋଲିସ ସେମାନଙ୍କୁ ବାଧା ଦେଇଥିଲା। ଫଳରେ ଉଭୟ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ପରେ ଧାରଣାସ୍ଥଳକୁ ଫେରି ଏକ ପ୍ରତିବାଦ ସଭା କରିଥିଲେ। ପ୍ରାୟ ସାଢ଼େ ୨ଟାରେ ଆଇନଜୀବୀଙ୍କ ଏକ ୧୫ଜଣିଆ ପ୍ରତିନିଧି ଦଳ ସହ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଅତିରିକ୍ତ ସଚିବ ପ୍ରଦୀପ ଜେନା ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟ ବାହାରେ ଥିବାରୁ ସେ ଫେରିବା ପରେ ଆଇନଜୀବୀଙ୍କ ଦାବି ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆଇନଜୀବୀମାନେ ଧାରଣାରୁ ହଟିଥିଲେ।

ଆଇନଜୀବୀଙ୍କ ଅଭିଯୋଗ ଅନୁଯାୟୀ ୧୯୯୦ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସମ୍ବଲପୁରଠାରେ ଏକ ସର୍କିଟ ବେଞ୍ଚ ପ୍ରତିଷ୍ଠା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟକୁ ସୁପାରିସ କରିଥିଲେ। ମାତ୍ର ଏହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ୨୦୦୭ରେ ଡା. ଜଷ୍ଟିସ ଯଶୋବନ୍ତ ସିଂ ପଶ୍ଚିମାଞ୍ଚଳର ସମ୍ବଲପୁରଠାରେ ସ୍ଥାୟୀ ଖଣ୍ଡପୀଠ ପ୍ରତିଷ୍ଠା କରିବା ଲାଗି ସୁପାରିସ କରିଥିଲେ। ଏହାକୁ ଭିତ୍ତିକରି ୨୦୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ଖଣ୍ଡପୀଠ ପ୍ରତିଷ୍ଠା କରିବା ଲାଗି କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ମାତ୍ର ଏହି ସୁପାରିସକୁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏହାର ଯଥାର୍ଥତା ନ ଥିବା କହି ବିରୋଧ କରୁଛନ୍ତି। ଅପରପକ୍ଷରେ ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଗ୍ରହଣ କରିବା ସହ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦେବାକୁ ରାଜ୍ୟ ସରକାରଙ୍କୁ ଜଣାଇଛନ୍ତି। କେନ୍ଦ୍ର ଆଇନ ମନ୍ତ୍ରୀ ଉଚ୍ଚ ନ୍ୟାୟାଳୟଙ୍କ ପରାମର୍ଶକ୍ରମେ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବାକୁ ବାରମ୍ବାର ଚିଠି ଲେଖୁଥିଲେ ହେଁ ରାଜ୍ୟ ସରକାର ନୀରବ ରହୁଛନ୍ତି। ଏପରିକି ୨୦୧୯ରେ ବେଞ୍ଚ ପ୍ରତିଷ୍ଠା ଲାଗି ବିଧାନସଭାରେ ୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିବା ଘୋଷଣା କରିଥିଲେ ହେଁ ତାହା ନାଲିଫିତା ତଳେ ରହିଯାଇଛି। ରାଜ୍ୟ ସରକାରଙ୍କ ଏପରି ମନୋବୃତ୍ତି ପଶ୍ଚିମ ଓଡ଼ିଶା ପ୍ରତି ଅବହେଳାର ପ୍ରମାଣ। ତେଣୁ ୭ ଜଣ ବିଚାରପତିଙ୍କୁ ନେଇ ସମ୍ବଲପୁରରେ ଏକ ସ୍ଥାୟୀ ଖଣ୍ଡପୀଠ ପ୍ରତିଷ୍ଠା କରିବା ସହ ରାଜ୍ୟ ସରକାର ଏଥିପାଇଁ ଆବଶ୍ୟକ ଜମି ଯୋଗାଇ ଦେବା ଏବଂ ସମସ୍ତ ଆନୁଷଙ୍ଗିକ ଖର୍ଚ୍ଚ ବହନ କରିବାକୁ ଉଲ୍ଲେଖ କରି ଉଚ୍ଚ ନ୍ୟାୟାଳୟଙ୍କ ମତାମତ ଓ ରାଜ୍ୟପାଳଙ୍କ ପରାମର୍ଶ ନେଇ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବାକୁ ସଂଘ ଦାବି କରିଛି। ସେପଟେ ଏନେଇ ସମଗ୍ର ପଶ୍ଚିମ ଓଡ଼ିଶାରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହାଛଡ଼ା ହାଇକୋର୍ଟକୁ ଭୁବନେଶ୍ୱରକୁ ସ୍ଥାନାନ୍ତର ଦାବିକୁ ମଧ୍ୟ ସଂଘ ସମର୍ଥନ କରିଛି। ଆନ୍ଦୋଳନରେ ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ସଭାପତି ଜ୍ଞାନ ମହାନ୍ତି, ସମ୍ବଲପୁର ଓକିଲ ସଂଘ ସଭାପତି ସର୍ବେଶ୍ୱର ମିଶ୍ର, କ୍ରିୟାନୁଷ୍ଠାନ କମିଟି ଯୁଗ୍ମ ଆବାହକ ପ୍ରମୋଦ କୁମାର ଦାସ, ଆବାହକ ଅଶୋକ କୁମାର ଦାସ, ବିଜେନ୍ଦ୍ର ପ୍ରଧାନ ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ପଣ୍ଡା, ସନ୍ତୋଷ ଦାସ, ସୁକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାମାନଙ୍କ ଆର୍ଥିକ ବିକାଶ ପାଇଁ ସରକାର ଅଙ୍ଗୀକାରବଦ୍ଧ

### ମିଶନ ଶକ୍ତି ଋଣ ମେଳା ଉଦ୍‌ଯାପିତ

ନିଶ୍ଚିନ୍ତକୋଇଲି, ୨୮।୯ (ସ୍ୱ.ପ୍ର)

ରାଜ୍ୟ ସରକାର ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ବିକାଶ କରିଛନ୍ତି। ଏବେ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ରାଜ୍ୟର ବିକାଶରେ ସହଭାଗିତା ହୋଇପାରିଛନ୍ତି ବୋଲି ବ୍ଲକସ୍ତରୀୟ ମିଶନ ଶକ୍ତି ଋଣ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମତ ବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଆୟୋଜିତ ମିଶନ ଶକ୍ତି ଋଣମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୩୭ଟି ପଞ୍ଚାୟତର ୨୬୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୬କୋଟି ୫୩ ଲକ୍ଷ ୮୬ ହଜାର ଟଙ୍କାର ଋଣ ପ୍ରଦାନ ନିମନ୍ତେ ଅନୁମୋଦନ ପତ୍ର ପ୍ରଦାନ କରାଯାଇଛି। ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ସିଡିପିଓ ଲିଳାବତୀ ସେଠୀ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଗିରିଶ ରଞ୍ଜନ ମହାପାତ୍ର, ଜିଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୭ରୁ ଉର୍ଦ୍ଧ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ରହି ଋଣ ଟଙ୍କାର ସୁବିନିଯୋଗ ଉପରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଲଳିତ ପଣ୍ଡାଙ୍କୁ ଜାତୀୟ ପର୍ଯ୍ୟଟନ ଗାଇଡ୍ ପୁରସ୍କାର


ନୂଆଦିଲ୍ଲୀରେ ପୁରସ୍କାର ଗ୍ରହଣ କରୁଛନ୍ତି ଲଳିତ ମୋହନ ପଣ୍ଡା।

ବାଙ୍କୀ,୨୮।୯(ସ୍ୱ.ପ୍ର)

ବାଙ୍କୀର ଲଳିତ ମୋହନ ପଣ୍ଡାଙ୍କୁ ଜାତୀୟ ପର୍ଯ୍ୟଟନ ଗାଇଡ୍ ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଜି.କିଶନ ରେଡ୍ଡି ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ୨୦୧୮-୧୯ ପାଇଁ ଦେଶର ସର୍ବଶ୍ରେଷ୍ଠ ୱାଇଲ୍ଡ ଲାଇଫ୍ ଗାଇଡ୍ ଭାବରେ ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ସାରା ଦେଶରୁ ପୂର୍ବାଞ୍ଚଳ ଜୋନ୍ ପାଇଁ ଶ୍ରୀ ପଣ୍ଡା ଏହି ପୁରସ୍କାର ପାଇଛନ୍ତି, ଯାହା ଓଡ଼ିଶା ପାଇଁ ଗୌରବର ବିଷୟ ପାଲଟିଛି। ଲଳିତ ମୋହନ ଟୁରିଜିମ୍ ମ୍ୟାନେଜମେଣ୍ଟରେ ଡିଗ୍ରୀ ଲାଭ କରିବା ପରେ ପ୍ରଶିକ୍ଷଣ ନେଇ ଗତ ୮ବର୍ଷ ଧରି ରାଜ୍ୟ ଗାଇଡ୍ ଭାବରେ କାର୍ଯ୍ୟ କରୁଛନ୍ତି। ଏହା ସହିତ ସ୍ନେକ୍ ହେଲ୍ପଲାଇନର ସଦସ୍ୟ ଭାବେ ବାଙ୍କୀ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି। ୨୦୧୮ରେ ଜଗନ୍ନାଥ ମନ୍ଦିରରେ ରତ୍ନ ଭଣ୍ଡାର ଖୋଲାଯିବା ସମୟରେ ମନ୍ଦିର ପ୍ରଶାସନ ତରଫରୁ ନିମନ୍ତ୍ରିତ ୪ଜଣିଆ ସ୍ନେକ ହେଲ୍ପଲାଇନ୍ ଦଳରେ ପଣ୍ଡାଙ୍କୁ ସାମିଲ୍ କରାଯାଇଥିଲା। ୨୦୧୮ରେ ଖୋର୍ଦ୍ଧା ସବ୍‌ଡିଭିଜନ ତରଫରୁ ତାଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପଣ୍ଡାଙ୍କୁ ସ୍ନେକ୍ ହେଲ୍ପଲାଇନ୍‌ର ସାଧାରଣ ସଂପାଦକ ଶୁଭେନ୍ଦୁ ମଲ୍ଲିକ ଏବଂ ବାଙ୍କୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## କୋଭିଡ୍ କେୟାର ସେଣ୍ଟରର ଶିଳାନ୍ୟାସ

ଆଠଗଡ଼,୨୮।୯ (ସ୍ୱ.ପ୍ର)

ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ବୁଧବାର ଏକ ୫୦ ଶଯ୍ୟା ବିଶିଷ୍ଟ କ୍ରିଟିକାଲ କୋଭିଡ କେୟାର ସେଣ୍ଟରର ଶିଳାନ୍ୟାସ କରାଯାଇଛି। ପାଞ୍ଚ ମହଲା ବିଶିଷ୍ଟ ଏହି କୋଠାକୁ ଫେବୃଆରୀ ୨୦୨୪ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ୧୬ କୋଟି ୯୪ ଲକ୍ଷ ୩୧ ହଜାର ୯୦୭ ଟଙ୍କା ବ୍ୟୟ ଅଟକଳ ଥିବା ବେଳେ ଏହାକୁ ୧୨ କୋଟି ୮୬ ଲକ୍ଷ ୨୬ ହଜାର ୩୩୪ ଟଙ୍କାରେ କରିବା ପାଇଁ ଠିକା ସଂସ୍ଥା ଚୁକ୍ତି କରିଥିବା ଜଣାପଡିଛି। ଡାକ୍ତରଖାନା ପରିସରରେ ଏକ ଶବ ସଂରକ୍ଷଣ ଓ ବ୍ୟବଚ୍ଛେଦ ଗୃହ ଉଦଘାଟନ ହୋଇଛି। ଆଠଗଡ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ସିଂ, ଉପଖଣ୍ଡ ଚିକିତ୍ସାଧିକାରୀ ଡା ବିଜୟ କୁମାର ସାହୁ, ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ଏନ୍‌ଏସି ଅଧକ୍ଷା ସସ୍ମିତା ରାଉତ ଉପସ୍ଥିତ ଥିଲେ।

## ରାଣୀ ଶୁକଦେଈଙ୍କ ଗରିମା ଦେଶବ୍ୟାପୀ ପରିଚିତ

ବାଙ୍କୀ, ୨୮।୯(ସ୍ୱ.ପ୍ର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ଆନୁକୂଲ୍ୟରେ ବାଙ୍କୀର ରାଣୀ ଶୁକଦେଈଙ୍କ ସମ୍ପର୍କରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନା ଚକ୍ରରେ ଅଧ୍ୟକ୍ଷ କ୍ୟାପଟେନ ଭବାନୀ ପ୍ରସାଦ ହୋତା ସଭାପତିତ୍ୱ କରି ରାଣୀ ଶୁକଦେଈଙ୍କ ଦୟା, କ୍ଷମାଶୀଳ ନୀତି ଉପରେ ଆଲୋକପାତ କରିଥିଲେ। ଇତିହାସ ବିଭାଗର ବିଭାଗୀୟ ମୁଖ୍ୟ ତଥା ଆଲୋଚନା ଚକ୍ରର ଆବାହକ ଅଧ୍ୟାପକ ଯୋଗୀନାଥ ମଲ୍ଲିକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ.ହରିହର ପଣ୍ଡା ଯୋଗଦେଇ ରାଣୀଙ୍କ ଗରିମା ଓ ସାହସିକତା ସାରା ଭାରତରେ ପରିଚିତ ବୋଲି କହିଥିଲେ। ବକ୍ତାଭାବେ ରେଭେନସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ପ୍ରିୟଦର୍ଶୀ କର, ସମ୍ମାନିତ ଅତିଥି ଭାବେ ଡକ୍ଟର ମୁରଲୀଧର ରଥ, ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ଛାତ୍ରୀ ସୁଚିତ୍ରା ବେହେରା, ଲୋପାମୁଦ୍ରା ମହାପାତ୍ର, ପ୍ରିୟଙ୍କା ପଣ୍ଡା, ସୁଚୀସ୍ମିତା ସ୍ୱାଇଁ, ଇପ୍ସିତା ପ୍ରିୟଦର୍ଶିନୀ ଓ ଜ୍ୟୋର୍ତିମୟୀ ପ୍ରିୟଦର୍ଶିନୀ ରାଣୀ ଶୁକଦେଈଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ବିନୋଦିନୀ ପରିଡା, ସୋନାଲିକା ଦାଶ ମହାପାତ୍ର, ଡଃ.ସଂଘମିତ୍ରା ଭୂତିଆ ଓ ଅଧ୍ୟାପକ ପ୍ରଶାନ୍ତ ବେହେରା, ପ୍ରମୁଖ ଆଲୋଚନା ଚକ୍ରରେ ଭାଗନେଇଥିଲେ।



ରାଣୀ ଶୁକଦେଈଙ୍କ ସମ୍ପର୍କିତ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

## ପ୍ରଚାର କରିବ ଗାନ୍ଧୀଙ୍କ ଅହିଂସା, ଶାନ୍ତି, ସମନ୍ୱୟ ବାର୍ତ୍ତା

### ଅହିଂସା ରଥକୁ ସମ୍ବର୍ଦ୍ଧନା

କଟକ ଅଫିସ/ଫୁଲନଖରା/କଟକ ସଦର, ୨୮।୯(ଡି.ଏନ୍.ଏ.)

କଟକ ଜିଲା ପ୍ରଶାସନ ପକ୍ଷରୁ ଅହିଂସା ରଥକୁ ବୁଧବାର ସମ୍ବର୍ଦ୍ଧନା ଦିଆଯାଇଛି। ଜଗତ୍‌ସିଂହପୁର ଜିଲା କାଇଜଙ୍ଗା ବଜାରରୁ ଭ୍ରମଣ ଆରମ୍ଭ କରିଥିବା ଦୁଇଟି ରଥ କନ୍ଦରପୁର, ଫକୀରପଡା, ନିମେଇସାପୁର ଓ ଗତିରାଉତ ପାଟଣା ଦେଇ ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀ ସ୍ମୃତିପୀଠଠାରେ ପହଞ୍ଚିଥିଲା। ଉକ୍ତ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରମୋଦ କୁମାର ମଲ୍ଲିକ, ବିଧାୟକ ଚନ୍ଦ୍ର ସାରଥୀ ବେହେରା, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଅହିଂସା ରଥକୁ ଶୁଭାରମ୍ଭ କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କର, ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମିଶନ ଶକ୍ତି ଜିଲା ସଂଯୋଜିକା ସ୍ୱାଗତିକା ପରିଡା, ଓଡ଼ିଶା ମୋ ପରିବାରର କଟକ ଜିଲା ଅଧ୍ୟକ୍ଷ ରଞ୍ଜନ କୁମାର ବିଶ୍ୱାଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, କଟକ ସଦର ବିଡିଓ ରାଜୀବ ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କଟକ ଜିଲାରେ ଅହିଂସା ରଥ ପରିଭ୍ରମଣ କାର୍ଯ୍ୟକ୍ରମକୁ ସଞ୍ଚାଳନ କରାଯାଉଛି। ଗୋଟିଏ ରଥ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳ ଦେଇ ଆଠଗଡ, ବାଙ୍କୀ ଉପଖଣ୍ଡ ଅଧୀନ ସମସ୍ତ ବ୍ଲକ ପରିଭ୍ରମଣ କରିବ। ବୁଧବାର ଅହିଂସା ରଥ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳ ପରିଭ୍ରମଣ କରିଥିବା ସମୟରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ରଥକୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଚୌଦ୍ୱାର ପୌର ଅଞ୍ଚଳରେ ବିଧାୟକ ସୌଭିକ ବିଶ୍ୱାଳ ଓ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ରଥଟି କଣ୍ଟାପଡା, ନିଆଳି ଅଞ୍ଚଳ ପରିଭ୍ରମଣ ସମୟରେ ବିଧାୟକ ଡା. ପ୍ରମୋଦ ମଲ୍ଲିକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ଉଦ୍‌ଘାଟନର ୧୫ଦିନ ପରେ କାନ୍ଥରେ ଫାଟ

### ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ସାଲେପୁର,୨୮।୯ (ଡି.ଏନ୍.ଏ.)




ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାନ୍ଥରେ ସୃଷ୍ଟି ହୋଇଥିବା ଫାଟ।

ଉଦ୍‌ଘାଟନର ୧୫ ଦିନ ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ବାଥରୁମ୍‌ରେ ଲାଗିଥିବା ଟ୍ୟାପ୍‌ରୁ ପାଣି ବାହାରୁ ନାହିଁ। ଇନଭର୍ଟର କାମ କରୁନାହିଁ ତ ଟାଇଲ ଉଠିଗଲାଣି। ଏପରି ଦେଖିବାକୁ ମିଳିଛି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ପୂର୍ତ୍ତ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ଏହି ସ୍ୱାସ୍ଥ୍ୟକେନ୍ଦ୍ର। ଗତ ୧୫ ତାରିଖରେ ଉଦ୍‌ଘାଟିତ ହୋଇଥିଲା। ଉଦଘାଟନର ୧୫ ଦିନ ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଏପରି ହୋଇଛି। ଏଠାରେ ଲାଗିଥିବା ଇନ୍‌ଭର୍ଟର ରୋଗୀ କିମ୍ବା ମେଡ଼ିକାଲ କର୍ମଚାରୀଙ୍କ କାର୍ଯ୍ୟରେ ଲାଗୁନାହିଁ। ଲାଇନ୍ ଗଲେ ଇନ୍‌ଭର୍ଟର ଥାଇ ମଧ୍ୟ ଅନ୍ଧାରରେ ରହିବାକୁ ପଡୁଛି। ମେଡ଼ିକାଲ ପରିସରରେ ନିର୍ମାଣ କରାଯାଇଥିବା ରୋଗୀ ପରିଚାରକ ଗୃହର କାନ୍ଥ ଫାଟି ଆଁ କରିଛି। ନୂତନ ଚକ୍ଷୁ ବିଭାଗ କାର୍ଯ୍ୟାଳୟକୁ ରାସ୍ତା ନଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସବୁ ସମସ୍ୟା ନେଇ ଏଠାକୁ ଚିକିତ୍ସିତ ହେବାକୁ ଆସୁଥିବା ରୋଗୀ ଏବଂ ତାଙ୍କର ପରିଚାରକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ଏହାର ସମାଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


କଟକ ରାଣୀହାଟ କେନାଲ ରୋଡ୍‌ରେ ବୁଧବାର ଟ୍ରଲିରେ ବୋଝେଇ ହୋଇଥିବା ପେଟି ଉପରେ ବସି ଜଣେ ନାବାଳକ ଯାଉଛନ୍ତି।



ଶାରଦୀୟ ଦୁର୍ଗାପୂଜା ଲାଗି ବାଦାମବାଡ଼ି ଓ ଖାନନଗର ପୂଜା କମିଟି ପକ୍ଷରୁ ନିର୍ମାଣାଧୀନ ତୋରଣ।